October-December 2019

# Sanginee संगिनी

*Smile... Stride... Scintillate*



असतो मा सद्गमय
तमसो मा ज्योतिर्गमय







NALCO MAHILA SAMITI

# From the Editor's Pen ...

"Open the door of your calmness and let the footsteps of silence gently enter the temple of all your activities. Perform all your duties serenely, saturated with peace. Behind the throb of your heart, you shall feel the throb of God's peace."

**-Sri Sri Paramahansa Yogananda**

*Autumn the harbinger of winter calmly exudes a sepia kind of warmth from the Sun that's readying itself for overcast skies and to draw long shadows. The air of the season of mists and mellow fruitfulness is suddenly filled with the aroma of blooming shiulis inviting Ma Durga to bless the earth. The white kashatandis add to the serene sacredness of the divine blessings and a resurgent faith, faith in women power. Lordess Durga, the ultimate answer to ultimate peace and happiness establishing victory of good over evil.*

*As leaves turn colour, the heart hums "Light oh light". Let not life pass by in the dark - Kindle the lamp of love with thy life. As Ma Durga bids adieu, the life stream is all set to welcome Ram to Ayodhya, Lakshmi to home sweet home and venerate Ma Kali with thousands of lights, inspiring astronaut Paolo Nespoli to take snapshots of a brightly lit India from the space that is captivated in each heart. A journey restarts from demonic darkness to auspicious all positive & all pervasive constant flux of optimistic happiness and sense of collective prosperity that flows in the cool air with the blessings of Mohammad Prophet and Guru Nanak.*

*Amidst the festivity, NALCO MAHILA SAMITI reveled in the world of light and colour and added additional light with profound empathy. Be it Bhima Bhoi Blind School to assist the blind, Ramakrishna Leprosy Colony, Govt. Schools, Purunakot Sebashram Tribal School, joining in Swachhata Abhiyan, NALCO Ki Ladli Programme, encouraging the sports personnel or celebrating the festivals to preserve the custom, tradition or heritage of the nation NMS is everready to embrace with truck load of love and empathy. Above all NMS with unifying power instills faith in the community to stride ahead with Keller's words:*

*"Optimism is the faith that leads to achievement. Nothing can be done without hope and confidence."*

*Kudos to the members of NALCO Mahila Samiti for proving to be women of values. God dwells in your heart through your noble activities. Congratulations to the writers for penning down the cocktail of emotions and nostalgia.*

*Earnest request to the readers to lend their legendary squirrel support to NMS to serve the society --- further and further.*

**Preeti Roy Chand**



Editor in Chief
Preeti Roy Chand

Editorial Board
Poonam Thakur
Shagufta Jabeen
Debjani Mishra

Co-ordinator
Sabita Patnaik

Design Concept
Aswini Sutar



# RADHA THROUGH AGES

It is a pleasant evening on the outskirts of Puri. People have gathered all around a small temple which has stood the test of time. There is a plethora of shops lining the streets. The kids have lined up in front of the Merry Go Round. All this energy was so close, yet so far from her. It was the favourite time of the year for her. It was Janmashtami.

As she slowly dipped her feet into the flowing stream near the temple, she looked at the dipping lights from a distance. She wanted to be there and to look at her Krishna, beautifully dressed and smiling at her. She wanted to wear her special bangles, and drink Lassi from the stand. But all she could do was to wait, because this time around she was not allowed to move alone as she embraced her adolescence. She had come a long way. She was slowly becoming a woman. The fault line between a man and a woman had already started caging her tender mind.

When I look back upon the history of this great nation, I see hypocrisy at the very base of the gender discrimination in this country. Despite the fact that we kneel down in front of vibrant women, riding upon lions, and sing hymns of her strength and kindness; we as a community have failed to understand the true nature of women. As a teacher, what I observe every day in the children I teach is that men and women are different. And understanding this difference can go a long way in uplifting them in our society.

Long gone are the days, when women used to be restricted in their kitchens. Today we are stepping into a world, where concepts like "Triple Talaq" are obsolete. But unfortunately women are still discriminated against oppressed in almost all aspects of their life. We have curbed their freedom, and cast them into our social standards. This has made this evil soothing to the eyes and resistant to change.

We have set up standards ranging from, as to what a woman should wear, how she should behave in front of people, whether her employment will affect her capability as a mother, till her very right to love another person before walking around the holy fire. We have forgotten what women are capable of. When we expect a mother to stay at home, so that her kids are nurtured well, we forget that it is a woman named Laxmi Bai who shook the very roots of the British Empire, for her son. When we ask a girl to stay in her kitchen, we forget Nandini Satpathy who dedicated her life for the upliftment of this state. When we rein a girl's right to feel, we forget that for every Krishna you build temples for, it is Radha's love for Him that makes Him the epitome of it(love).

The very sensitivity, diligence, passion, and courage that women display make them different from men. The fight today is not about eliminating the difference, but acknowledging it. Men and women have to coexist in this society to progress forward. It is high time we stop telling them what is right and what is wrong for them. A girl needs to be free, to grow and discover what her dreams are. We often camouflage these stereotypes, by stating that women have been given equal rights as that of men. That is not an achievement, as equal rights are the basic necessity of every human being. Women need to achieve independence in its true sense. The insecurity that lies at the basis of male dominance, needs to be eliminated. We need to slowly start breaking the imaginary cage we have built around them.

It is very unfortunate to think that, we women are also the part of this problem. Growing within this social evil, we have come to accept it. Being mothers, we ourselves teach our children discrimination within sex, at a very tender age. It is now high time this vicious cycle stopped. I don't claim that this will be easy, but we should never underestimate our power as women. Most of the readers who will come across this article, are in an elite position of the society, where they can inspire if not a lot, but some sections of the society. The least we can do is ask our daughters to live their lives the way they want to.

As I close towards the end, I feel that we need to have better comprehension of what makes women special. It is only then that we can develop their multifaceted personalities. As a teacher who sees little kids obliviate the societal differences regularly in a small classroom, I just want them to break free from the shackles that we have built for them. It is only then, we can expect our country to move forward and become a better place to live in. As truly spoken, "Yatra Naryastu Pujyante Ramante Tatra Devata" (Where women are worshipped, the Gods rejoice.)

With these words, I rest my pen but not my thoughts.

**Susama Rani Dash**
Angul

---

# MUSINGS

Decades down life's lane I see-
A wrinkled frame, a shrunken me.

The years gone by, I fondly mull.
The numbered ahead seem so dull!

The ups and downs that I have seen
Would flash back, make me churn within.

Tiny fingers I held some day
Have grown strong wings and flown away.

Friends and faces in life's long trip
Some stopped by ,some left the strip.

Friends and foes now seem as one
The heart learnt to love, angst for none!

Laughter rings in the wintry field
A life well-led and choices lived!

Dear ones, beyond long since gone-
In gleeful tones, do me beckon.

Fairness fading, my steps drag slow.
Mind still lithe, though blood heavy flow.

Comrades! I come, do wait awhile!
Few more steps as I cross the aisle.

Hand in hand we would frolic free.
A waltz that was LIFE would cherished be.

**Debjani Mishra**
Bhubaneswar



# मैं नारी हूँ

मैं नारी हूँ
कभी माँ कभी बहन
कभी बेटी कभी पत्नी,
मैं हर धर्म का फर्ज निभाती हूँ
क्योंकि मैं नारी हूँ।

घूँघट की जंजीर तोड़कर, पल्लू को छोड़कर
हर सपने को सच कर सकती हूँ
कितना मुश्किल जीना है
फिर भी मैं मुसकुराती हूँ
क्योंकि मैं नारी हूँ।

मैं माँ लक्ष्मी हूँ मैं माँ सरस्वती हूँ
मैं माँ दुर्गा हूँ मैं माँ शक्ति हूँ
मैं हर आधार का स्तंभ हूँ
मैं काली का अवतार हूँ
मैं पापियों का संहार हूँ
क्योंकि मैं नारी हूँ।

ना भूल जाओ इतिहास मेरा
क्योंकि मैं ही रानी लक्ष्मीबाई हूँ
मैं भी रजिया सुलतान हूँ
मैं हर जान का आधार हूँ

ना समझो मेरे को अबला, दबला,
ना समझो मेरे को लाचार, बेकार,
मैं भी शक्तिशाली हूँ
क्योंकि मैं नारी हूँ

ऐ समाज ! कमजोर ना समझ मेरे को,
क्योंकि मैं भी मजबूत हूँ
आज समय आ गया है,
मेरे हर दर्द का बदला लेने का,
मेरे हर अत्याचार का जवाब देने का,
मेरे हर जुल्म का हिसाब लेने का
ये याद रखना कि, मैं इक्कीसवीं शताब्दी की नारी हूँ।

**पुष्पश्री स्वाँई**

# स्पर्श

जबतक चलेगी ज़िन्दगी की साँसें
कहीं प्यार, कहीं टकराव मिलेगा।
कहीं बनेंगे संबंध अंतर्मन से तो,
कहीं आत्मीयता का अभाव मिलेगा।

कही मिलेगी ज़िन्दगी में प्रशंसा तो
कहीं नाराजगियों का बहाव मिलेगा,
कहीं मिलेगी सच्चे मन से दुआ तो,
कहीं भावनाओं में दुर्भाव मिलेगा।

कहीं बनेंने पराये रिश्ते भी अपने तो
कहीं अपनो से ही खिंचाव मिलेगा।
कहीं होंगी खुशामदें चेहरे पर तो,
कहीं पीठ पर बुराई का घाव मिलेगा।

तू चलाचल राही अपने कर्मपथ पर,
जैसा तेरा भाव वैसा प्रभाव मिलेगा।
रख स्वभाव में शुद्धता का 'स्पर्श' तू
अवश्य ज़िन्दगी का पड़ाव मिलेगा।

**प्रियंका पाल**
अनगुल

# ज़िन्दगी

बंद मुठ्ठी में रेत सी फिसलती जाती है ज़िन्दगी,
जितना भी समेटूँ बंद आँखों से नीर बनकर बह जाती है ज़िन्दगी।
इस ज़िन्दगी में कुछ टूटे बिखरे से ख्वाब हैं
उन सपनों में उलझती-सुलझती-सी जाती है ज़िन्दगी।
बन्द मुट्ठी से रेत की तरह फिसलती जाती है ज़िन्दगी!!

**प्रियंका पाल**
अनगुल

# जेल

## (सत्य घटना पर आधारित)

कमला आँगन से धुले हुए दीयों को जल्दी-जल्दी उठा रही थी। पूजा के पहले इन सबमें तेल डालकर इन्हें तैयार करना था। सारा दिन घर की सफाई की भेंट चढ़ गया और शाम तो जैसे दौड़ी चली आ रही थी। अब अकेली वह क्या-क्या करती ? पर दिल में एक हुमक थी कि आज 10 सालों के बाद घर में दीप जलने वाले थे। घर में प्रकाश फैलाने वाला था। पर यह क्या ? ? अचानक उसकी आँखों के सामने अँधेरा छाने लगा और एक कर्कश आवाज उसको कानों को चीरती चली गई।

"चल उठ यहाँ से!! तू बाहर कैसे आ गई ? तेरी जगह तो उस काल-कोठरी में ही है।"

"माफी सरकार! छोटी बच्ची भूख से बिलबिला रही थी। असिस्टेंट साहब के कहने पर रसोई से कुछ लाने चली गई थी।"

"चुप, हरामखोर! यह क्या तेरे बाप का घर है जो मुँह उठाए जहाँ मन किया वहाँ चली जाएगी। ये जेल है ...... जेल! और तूने कोई छोटा-मोटा जुर्म नहीं किया है। तूने खून किया है, खून! जिसकी थाली में खाया उसी का खून कर दिया।"

"मुझे पता है साहिब! पर इसमें इस नादान का क्या दोष ? ?"

"ये तो तुझे खून करने से पहले सोचना चाहिए था।"

जेलर के धक्का देते ही कमला बेटी के साथ कोठरी के फर्श पर गिर पड़ी। वो तो भला हो ऊपर वाले का कि बेटी को उसने सीने से चिपका लिया था जिससे उसे चोट नहीं लगी। कमला की आँखें काल कोठरी की छत को एकटक घूर रही थीं और आँसू आँचल को भिगो रहे थे। अचानक छत से आँखें हटाकर वह अपने हाथों की रेखाओं को देखने लगी जैसे कुछ पढ़ने की चेष्टा कर रही हो।

हम स्त्रियों का भाग्य इतना खराब क्यों होता है ? वह जैसे स्वयं से सवाल कर रही थी। उसका यह सवाल गलत भी तो न था। उसके पति अशोक के निकम्मे होने की बात उसके सास-ससुर ने छिपाई थी। घर का खर्च निकालने के लिए लोगों के जूठे बरतन माँजने को वह मजबूर थी। पति की छत्रछाया में पलने का सपना लेकर आई कमला स्वयं छायादार वृक्ष बन बैठी थी। स्त्री थी, हक तो उसे अदा करना ही था अत: बेटी जनने का कलंक भी उसे ही लगा। दिक्कतें तब और बढ़ने लगी, जब अशोक रोज शराब पीकर आने लगा और पैसों के लिए मारपीट आम बात हो गई। यहाँ तक कि बच्ची के दूध के लिए भी पैसे न बच पाते। एक दिन अचानक अशोक मोगरे के फूलों की लड़ियाँ लेकर आया और उन्हें बड़े प्यार से कमला के बालों में सजा कर कहने लगा- "कम्मों, सुन न! एक बात कहनी है तुझसे... अपनी लाइफ सेट हो जाएगी।"

"हाँ बोलो न...!" विपत्ति की घड़ियों में पति का प्रेम-भरा अनुरोध मरहम की तरह काम करता है और पत्नी अपना अतीत दो पल में भुला देती है। रोज-रोज की मारपीट के बाद भी कमला बदलाव की आशा कर बैठी।

"तुम पार्क के कोने वाले घर में काम करती हो न ? वो अंकल-आँटी अकेले रहते हैं। बड़े मालदार हैं!" अशोक ने कनखियों से कमला को देखते हुए कहा।

"हाँ, हैं तो!" बाले में लगे फूलों की खुशबू में सराबोर कमला बस इतना ही कह पाई।

"तो मैं यह कह रहा था... देख तू मुझे गलत मत समझना... इस रोज-रोज की भिखारियों वाली जिंदगी से मैं तंग आ चुका हूँ। मेरे पास एक मास्टर-प्लान है। तू बस मेरा साथ दे दीजियो।" कमला ने बात को समझने की चेष्टा में नजरें अशोक पर टिकाते हुए पूछा।

"अरे तू क्या कह रहा है ? मेरी समझ में कुछ नहीं आ रहा।"

"सुन, मैं कह रहा हूँ कि हम दोनों न मिलकर चुपचाप दोनो बुड्ढे और बुढ़िया को टपका देंगे और किसी को कानों-कान खबर भी नहीं होगी।" कमला के हाव-भाव देखते हुए अशोक ने कमला का हाथ अपने हाथ में लेते हुए कहा।

"राम राम! क्या कह रहे हो..." कमला ने हाथ झटकते हुए कहा।

"अरे तू घबरा मत! मैंने सब कुछ सेट कर लिया है। वैसे भी उनके सारे बच्चे विदेश में रहते हैं, उन्हें पूछता कौन है ? जब तक उनके मरने की खबर का उन्हें पता चलेगा हम जेवर और पैसे

लेकर चले गए होंगे। किसी को कानों-कान खबर नहीं होगी।"

"नहीं नहीं... मेरा मन नहीं मानता। मैं ऐसा नहीं कर सकती... ?" कमला हड़बड़ाकर उठ खड़ी हुई।

"तो बेटी के साथ मरने के लिए तैयार हो जा..." अशोक ने चमचमाता हुआ चाकू उसके गरदन पर रखकर उसे डराते हुए कहा। कमला ने डर के मारे बेटी को उठा कर कलेजे से लगा लिया। और फिर मौत के डर और जीवन के बीच के कशमकश में जीने की इच्छा जीत गई। पतिव्रता बनकर कमला अशोक के कुकर्म मे साथी बनकर सौ बार मरी। काम जिस प्रकार योजनाबद्ध तरीके से हुआ था शायद ही कोई कातिल तक पहुँच पाता। पर शायद ईश्वर भी गरीबों को सजा दिलाने को तत्पर रहते हैं। कमला के पास और कोई चारा न था। दोनों को उम्र कैद की सजा हुई। दोनों के साथ बच्ची भी जेल में रहने लगी क्योंकि छोटे बच्चों को माँ-बाप से अलग नहीं किया जा सकता। कमला को हर पल यह बात खा जाती थी कि बेटी का भविष्य उज्जवल करने की बजाए उसने उसे जेल की काल-कोठरी में झोंक दिया। वह हर पल स्वयं को कोसती कि इससे तो अच्छी मौत थी। अशोक तो मानो जन्मजात कुकर्मी था। उसे कुछ फर्क न पड़ता। यहाँ भी वह सबके साथ झगड़ा-फ़साद करता फिरता। कमला जो हमेशा से मेहनती थी यहाँ भी दिए गए काम को दिल लगाकर करती। यह उसके अच्छे कर्मों का फल था जो उसे कन्या विद्यालय की हेडमास्टरनी जी के रूप में मिला।

हेडमास्टरनी जी प्रत्येक वर्ष सावन में जेल के कैदियों को राखी बाँधने आती थी। जानने वाले उन्हें पागल कहते थे। भला जो खुद मुजरिम हो, कातिल हो, वह क्या किसी की रक्षा करेगा। देखा जाए तो बात सही भी लगती थी। किंतु हेडमास्टरनी जी की सोच थी कि हम सब जाने अनजाने न जाने कितनी ही गलतियाँ करते हैं। अपने कटु-वचनों और कटाक्ष के द्वारा कितने ही दिलों को छलनी कर देते हैं, उन्हें मार देते हैं और फिर उसी जुर्म को दोबारा अंजाम देने के लिए आराम से सलाखों के बाहर आजादी से घूमते हैं। फिर क्यों इन कैदियों से सजा के रूप में ऐसा व्यवहार किया जाए कि उन्हें आत्म सुधार का मौका ही न मिले। शायद उनकी इसी सोच के तहत वह हर वर्ष कैदियों को राखी बाँधकर उन्हें आत्मग्लानि से मुक्ति देने की चेष्टा करती थी।

इस वर्ष राखी उनके लिए एक अलग रंग लेकर आई थी। इस बार जब उन्होंने कैदियों के बीच गुड़िया को देखा तो पत्थर बन कर रह गईं। गुड़िया अब स्कूल जाने वाली हो गई है। उनकी आँखों के सामने देश का भविष्य घूम गया। कल जब यह बड़ी होगी और माँ बनेगी तो अपने बच्चों को संस्कार के नाम पर कालकोठरी के अँधेरे देगी ? ? माँ-बाप के कुकर्मों की सजा छोटी सी नादान बच्ची को क्यों मिले ? ? अगर इस बच्ची की जगह मेरी बच्ची होती तो...!!

दीदी का एक बड़ा अच्छा तरीका था सही निर्णय लेने का। वे सदा दूसरों की जगह खुद को रखकर देखती थी कि मैं इस जगह होती तो क्या करती, क्या सोचती ? आज भी उन्होंने वही किया और फ़ैसला गुड़िया के हक में गया। कमला और अशोक की अनुमति लेकर और कार्यालय की औपचारिकता पूरी कर वह गुड़िया को अपने स्कूल के हॉस्टल में रखकर पढ़ाने के लिए ले आई। हमेशा जेल में दी जानेवाली सेवा के रसूख ने इस कार्य मे कोई अड़चन न आने दी।

गुड़िया को उन्होंने अपने स्कूल में भर्ती कराया और हॉस्टल में रखकर एक अभिभावक की तरह उसकी देखभाल करने लगी। उन्होंने कोशिश की कि उसे कमला के बारे में जानकारी न प्राप्त हो। हमेशा यह कह देती कि वह एक भयंकर बीमारी के कारण दक्षिण भारत के एक अस्पताल में भर्ती है और बीमारी के संक्रामक होने के कारण किसी को उससे मिलने की अनुमति नहीं है। कभी कभार फोन से हुई बातचीत माँ के दिल को भी तसल्ली दे जाती। कमला भी संतुष्ट होकर जेल के कामों में बढ़चढ़ कर हिस्सा लेती। उसके अच्छे व्यवहार और मेहनती होने के कारण ही जेल अधिकारियों की ओर से उसे चार वर्ष पहले ही छोड़ने का निर्णय लिया गया।

कमला जेल से छूटकर अपने घर आ गई थी। आज दीवाली थी और वह हेडमास्टरनी जी के साथ गुड़िया के आने की प्रतीक्षा कर रही थी। अचानक पटाखे की आवाज ने उसकी तंद्रा तोड़ दी। अनार की रोशनी में उसे सामने से आती हुई एक सुंदर किशोरी दिखाई दी। उसका चौड़ा माथा, बड़ी-बड़ी आँखों देखकर उसे साक्षात लक्ष्मी के आने का आभास हुआ। तभी उसने देखा कि हाथों में कलम का त्रिशूल लिए दुर्गा माँ भी बुराई पर अच्छाई की जीत का ऐलान करते हुए उसके साथ आ रही थी। इस दृश्य को देखकर कमला की आँखें छलक उठीं। उसका रोम-रोम प्रभु का शुक्र अदा कर रहा था कि आज भी इंसानियत जिंदा है।

**शगुफ़्ता जबीं**
भुवनेश्वर



# ଫଟା ଦୀପର କାହାଣୀ

ଅବସର ପରେ ବିନୋଦ ବାବୁ ସହରଠାରୁ ସାମାନ୍ୟ ଦୂରରେ ଅପେକ୍ଷାକୃତ କମ୍ କୋଳାହଳ ଜାଗାଟିରେ ରହିବାକୁ ପସନ୍ଦ କରିଥିଲେ । ଏହି 'ରେନ୍‌ବୋ' କଲୋନୀକୁ ଆସିବାର ମାତ୍ର ଆଠ ନଅ ମାସ ଭିତରେ ଅନେକଙ୍କ ସାଙ୍ଗରେ ତାଙ୍କର ଦୋସ୍ତି ହୋଇଗଲାଣି । ସକାଳେ Morning Walk ଓ ସଂଜରେ Evening Walk କରିବା ତାଙ୍କର ଏକ ପୁରୁଣା ଅଭ୍ୟାସ । ଦିନମାନରେ ଘରୁ ଟିକେ ବାହାରି ନଗଲେ ତାଙ୍କୁ ଖୁବ୍ ଅଣନିଃଶ୍ୱାସୀ ଲାଗେ । ଲାଗେ ଯେମିତି ସେ ଇଟା, ସିମେଣ୍ଟରେ ତିଆରି ଏକ ବିଳାସମୟ ବନ୍ଦୀ ଘରେ ସଜା କାଟୁଛନ୍ତି ।

ରିଟାୟାରମେଣ୍ଟ ପରେ ଏଠିକୁ ସିଫ୍ଟ କରିବାର କେଇଟି ଦିନ ମଧ୍ୟରେ ସେ ଆରମ୍ଭ କରିଦେଇଥିଲେ ତାଙ୍କର Walking । ସକାଳେ ୱାକିଂ କଲାପରେ କ୍ଷୀର ପ୍ୟାକେଟ୍‌ଟିଏ ବୁଥ୍‌ରୁ ନେଇ ସିଧା ଫେରିଯାଆନ୍ତି ଘରକୁ । ମାତ୍ର ଉପର ଓଳି, କଥା ଟିକିଏ ଅଲଗା । ପ୍ରାୟ ପଇଁଚାଳିଶି ମିନିଟ୍ ଖଣ୍ଡେ ଚାଲିଲା ପରେ ସେ ନିଶ୍ଚିତ ଭାବରେ ଅଧ ଘଣ୍ଟାଏ ବସି ରହନ୍ତି ସେଇ ପାର୍କଟିର ବଉଳଗଛ ତଳେ ଥିବା ଚତୁଷ୍କୋଣୀୟ ସିମେଣ୍ଟ ପିଣ୍ଡିଟିରେ । ଆଉ ସତ କହିବାକୁ ଗଲେ ସେଇଠୁ ଆରମ୍ଭ ହୋଇଛି ତାଙ୍କ ଅବସର ଜୀବନର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ଭାବିଲେ ଆଶ୍ଚର୍ଯ୍ୟ ଲାଗେ, ଈଶ୍ୱର କାହାପାଇଁ କେତେବେଳେ, କିପରି ଓ କାହା ମାଧ୍ୟମରେ ତାଙ୍କ ଆଶିଷ ଅଜାଡ଼ି ଦିଅନ୍ତି, ତାହା କେବଳ ତାଙ୍କୁ ହିଁ ଜଣାଥାଏ । ଏଇଥିପାଇଁ ପରା ସେ ଲୀଳାମୟ ପୁରୁଷ । ଆଜି ଯଦି ସେ ଏହି 'ରେନ୍‌ବୋ' କଲୋନୀଟିକୁ ଆସି ନ ଥାନ୍ତେ ହୁଏତ ଚିରଦିନ ନିଃସଙ୍ଗତାର ଅନ୍ଧାରି ଗୁହାରେ ସେହି ଶେଷହୀନ ଦୁଃଖଟିରେ ଆଉଟୁପାଉଟୁ ହୋଇ ଜୀବନ ବିତାଇ ଥାଆନ୍ତେ । ଅବଶିଷ୍ଟ ଆୟୁଷ ଅଭିଶାପ ହୋଇ ତାଙ୍କୁ ଏହି ମର୍ତ୍ତ୍ୟରେ ହିଁ ନର୍କଯନ୍ତ୍ରଣା ଭୋଗିବାକୁ ଦେଇଥାନ୍ତା ।

ହେଲେ ଆଜି ତାଙ୍କ ଜୀବନ ଏକ ଭିନ୍ନ ମୋଡ ନେଇଛି । ଏଇ ନୂଆ କଲୋନୀଟିକୁ ଆସିବା ପରର କଥା । ସେଇ ଭାଗ୍ୟୋଦୟ ଦିନଟିର କଥା ତାଙ୍କର ଠିକ୍ ମନେଅଛି ଯେଉଁଦିନ ଜଣେ ନୁହେଁ କି ଦିଜଣ ନୁହେଁ ବରଂ ଚାରି ଚାରି ଜଣ ବନ୍ଧୁଙ୍କର ଆବିର୍ଭାବ ହୋଇଥିଲା ତାଙ୍କ ଜୀବନରେ । ୱାକିଂ ପରେ ସେଇ ବଉଳ ଗଛ ତଳେ ମୋବାଇଲ୍‌ରୁ ମେସେଜ୍ ଚେକ୍ କରୁଥିଲେ ବିନୋଦ ବାବୁ । ହଠାତ୍ ଏତିକିବେଳେ ଉଚ୍ଚ କଥାବାର୍ତ୍ତା ଓ ହାସ୍ୟ ରୋଳରେ ଫାଟି ପଡ଼ିଲା ତାଙ୍କ ପାଖ ଜାଗାଟି । ଏମିତିରେ ସେ ଟିକେ ଶାନ୍ତିପ୍ରିୟ ଲୋକ । ମୁହଁରେ ଟିକେ ଅସନ୍ତୋଷ ଭାବ ପ୍ରକାଶ କରି କୋଳାହଳ କରୁଥିବା ଗ୍ରୁପ୍‌ଟିକୁ ଗୋଟିଏ ତୀର୍ଯ୍ୟକ୍ ଚାହାଣୀ ଛାଟିଦେଇ ପୁଣି ମେସେଜ୍ ଚେକ୍ କରିବାରେ ମନଦେଲେ ସେ । କିଛିକ୍ଷଣ ପାଇଁ କୋଳାହଳ ବନ୍ଦ ହୋଇଗଲା ଏବଂ ସେମାନଙ୍କ ମଧ୍ୟରୁ ସବୁଠାରୁ ଠୁରା ଓ ଚନ୍ଦା ମଣିଷଟି ପାଖକୁ ଆସି ସରି, ଆଇ ଆମ୍ ବନବିହାରୀ କହି ହାତ ମିଳାଇବାକୁ ହାତ ବଢ଼ାଇଲେ । ମୁହଁରେ ସାମାନ୍ୟ ହସ ଖେଳାଇ ବିନୋଦ ବାବୁ ତାଙ୍କର ପରିଚୟ ଦେଲେ – ମୁଁ ବିନୋଦ ମିଶ୍ର । ରିଟାୟାର୍ଡ ପ୍ରଫେସର । ଏଇ ଅଳ୍ପଦିନ ହେଲା ଏଇ କଲୋନୀକୁ ସିଫ୍ଟ କରିଛି । କ୍ୱାଟର ନମ୍ବର ଶହେ କୋଡ଼ିଏ ସିକ୍ସଥ୍ ଲେନ୍ ।

ବାଃ ତାହେଲେ ଭଲ ହେଲା । ଏଣିକି ଆପଣଙ୍କ ସଙ୍ଗେ ନିତି ଦେଖା ହେବ । ଆମେ ସମସ୍ତେ ଏଇ କଲୋନୀର ଅଧିବାସୀ – କହିଲେ ବନ ବିହାରୀ ବାବୁ । ପରେ ପରେ ଅନ୍ୟ ତିନିଜଣଯାକ ସମସ୍ତେ ଆସି ନିଜ ନିଜର ପରିଚୟ ଦେଇ ବିନୋଦ ବାବୁଙ୍କ ସହ କରମର୍ଦ୍ଦନ କଲେ । ସେମାନେ ଥିଲେ – ଦଣ୍ଡପାଣି ଜେନା, ମାନସୀ ଶାହା ଓ ସରୋଜ ପ୍ରଧାନ ।

ନିଜ ନିଜର ପରିଚୟ ଦେବା ପରେ ହଠାତ୍ ଗ୍ରୁପ୍‌ଟିର ଏକମାତ୍ର ମହିଳା ସଦସ୍ୟ ଜଣକ ହସି ହସି କହିଲେ ୱେଲକମ୍ ଟୁ ବଦ୍‌ମାସ ଗ୍ରୁପ୍ । କିଛି ବୁଝି ନ ପାରି ଆବାକାବା ହୋଇ କେବଳ ସେ ଚାରିଜଣଙ୍କୁ ଚାହିଁଥିଲେ ବିନୋଦ ବାବୁ । ତାଙ୍କ ତଟସ୍ଥ

ଭାବ ଦେଖି ଏକାସଙ୍ଗରେ ହସିଉଠିଥିଲେ ଚାରିବନ୍ଧୁ। କଥାଟିକୁ ସରଳ କରିବାକୁ ଯାଇ ସରୋଜ ବାବୁ କହିଥିଲେ – ଆମ ସମସ୍ତଙ୍କର ନାଁର ପ୍ରଥମ ଅକ୍ଷରଟିକୁ ନେଇ ଆମେ ଏହି କୌତୁକିଆ ଗ୍ରୁପ୍‌ଟିଏ ନାମକରଣ କରିଛୁ। ବନ ବିହାରୀ, ଦଣ୍ଡ ପାଣି, ମାନସୀ ଓ ସରୋଜ। ପ୍ରତି ନାମର ଆଦ୍ୟ ଅକ୍ଷର ମିଶାଇଲେ 'ବଦ୍‌ମାସ' ହେଉଛି କି ନାହିଁ।

ବାଃ ! ମାନିବାକୁ ହେବ ଆପଣମାନଙ୍କୁ କହି ବିନୋଦ ବାବୁ ସାମାନ୍ୟ ଆମୋଦିତ ହେଇଥିଲେ। ପରେ ପରେ ଦଣ୍ଡପାଣି ବାବୁ ଆଉ ଟିକିଏ ରହସ୍ୟ କରି କହିଲେ – ହେଲେ ଆଜିଠାରୁ ଆମ ଗ୍ରୁପ୍‌ର ନାଁରେ ଟିକେ ପରିବର୍ତ୍ତନ ଆସିବ। ଆମ ଗ୍ରୁପ୍‌ର ନାଁ ଏବେ ବଦ୍‌ମାସ୍ ବି (ଦୁଷ୍ଟ ଭଅଁର) ହେବ। ଆରେ କାହିଁକି ? ଏକ ସଙ୍ଗରେ ପ୍ରଶ୍ନ କଲେ ତିନିବନ୍ଧୁ।

ଦଣ୍ଡପାଣି ବାବୁ ଟିକେ ହସି କହିଲେ – ଆଜିଠାରୁ ପରା ବିନୋଦ ବାବୁ ଆମ ଗ୍ରୁପ୍‌ର ଜଣେ ସଦସ୍ୟ ହେଲେ। ତାଙ୍କ ନାମର ଆଦ୍ୟ ଅକ୍ଷର "ବି" ନୁହେଁ କି ? ଅତଏବ, ଆମ ଗ୍ରୁପ୍‌ର ନାଁ ଏବେ "ବଦମାସ୍ ବି" ଗ୍ରୁପ୍ ହେଲା। ପୁଣି ଏକ ନିର୍ମଳ ହାସ୍ୟରୋଳରେ ଭରିଉଠିଲା ଉକ୍ତ ସ୍ଥାନଟି। ଆପଣା ଛାଏଁ ଠୋ ଠୋ ହସିଉଠିଲେ ବିନୋଦ ବାବୁ। ଜୀବନର ସାୟାହ୍ନରେ ଏ ଚପଳତା ଦେଖି ତାଙ୍କ ଭିତରେ ସମାଧି ନେଇଥିବା ଖୁସିର ବୀଜଟି ଯେମିତି ଭିଡିମୋଡି ହେଇ ପୁଣି ଅଙ୍କୁରିତ ହେବାକୁ ପ୍ରୟାସ କଲା।

ଏହାପରେ ପ୍ରାୟ ସେମାନେ ସଂଜରେ ମିଳିତ ହୁଅନ୍ତି ସେଇ ବଉଳ ଗଛ ତଳ ପିଣ୍ଡିରେ। କେବେ କଥା ଆଲୋଚନା ହୁଏ। ଗପ ରାଜନୀତିରୁ ଶେୟାର ବଜାର ଯାଏଁ ମାଡିଯାଏ, ସେତିକି ସମୟ ଯେମିତି ସେମାନେ ସବୁ ଅପ୍ରାପ୍ତି, ଅବଶୋଷକୁ ଫୁ କରି ଉଡେଇ ଦେଇଥାନ୍ତି ମନରୁ। ହସଖୁସିରେ କିଛି ସମୟ ବିତିଯାଏ ସେମାନଙ୍କର। ଦୁଃଖ କାହା ଜୀବନରେ ନାହିଁ ଯେ ? କେବେ କେବେ ବନ୍ଧୁ ଚାରିଜଣଙ୍କ ବିଷୟରେ ଭାବିବାକୁ ବାଧ୍ୟ ହୁଅନ୍ତି ବିନୋଦ ବାବୁ। ସତରେ, ସମୟ କେଉଁଠି ନା କେଉଁଠି ଦୁଃଖର ହସ୍ତାକ୍ଷରଟିଏ କରିଦେଇଥାଏ କେତେ ଚତୁରତାରେ ସମସ୍ତଙ୍କ ଜୀବନରେ। ଏଇ ଯେମିତି ମାନସୀ ମ୍ୟାଡାମ୍‌ଙ୍କ କଥା ନିଆଯାଉ। ମାନସୀ ମାମ୍ ଜଣେ ସିଙ୍ଗଲ୍ ପ୍ୟାରେଣ୍ଟ୍। ପୋଟଳ ଚିରା ଆଖି, ଗହମ ରଙ୍ଗର ଦେହ। ଖୁବ୍ ଆକର୍ଷଣୀୟ। ତାଙ୍କର ଏକମାତ୍ର ଝିଅ ସରସୀ ବାଙ୍ଗାଲୋରରେ ଆଇ.ଟି. ସେକ୍ଟରରେ କାମ କରୁଛି। ସେ ଭଲପାଇ ବାହା ହୋଇଥିଲେ ସାଗର ବୋଷ୍‌ଙ୍କୁ। ଦୁଇଜଣଙ୍କ ଜବ୍ ଥିଲା ଓଡ଼ିଶାରେ। ଛ'ସାତ ବର୍ଷ ତ ଖୁବ୍ ଭଲରେ କଟିଗଲା ସେମାନଙ୍କର। ମାତ୍ର ସ୍ୱପ୍ନା ନାମକ ଝିଅଟିଏକୁ ନେଇ ସେମାନଙ୍କର ବୈବାହିକ ଜୀବନରେ ଉଠିଲା ଝଡ଼। ଯାହା ଉଜାଡି ଦେଲା ତାଙ୍କ ଜୀବନ ଓ ସଂସାର। ଶାନ୍ତିପ୍ରିୟ ମାନସୀ ସେଇ ଭଙ୍ଗା ସଂସାରକୁ ଗଢ଼ିବାର ପ୍ରୟାସରେ ବିଫଳ ହୋଇ ଡିଭୋର୍ସ ଦେଲେ ସାଗରଙ୍କୁ। ଈଶ୍ୱରଙ୍କ ଅପାର କରୁଣାରୁ ଝିଅ ସରସୀର ଫୁଲ କଷ୍ଟଡି ତାଙ୍କୁ ମିଳିଥିଲା। ଯା ପରେ ସେ ଆଉ କେବେ ପଛକୁ ଫେରି ଚାହିଁ ନାହାଁନ୍ତି। ଆରମ୍ଭ ହୋଇଛି ତାଙ୍କ ଜୀବନର ସଂଘର୍ଷ କାହାଣୀ। ସବୁ ପ୍ରତିଘାତକୁ ସହି ଆଜି ସେ ବିଜୟିନୀ। ଅତୀତ ପାଇଁ ଅବସୋସ ନାହିଁ କି ଭବିଷ୍ୟତ ପାଇଁ ଆଶଙ୍କା ନାହିଁ। ଝିଅ, ଜ୍ୱାଇଁ ଓ ନାତି ଭିତରେ ସେ ଖୋଜି ପାଆନ୍ତି ତାଙ୍କ ଜୀବନର ପରିପୂର୍ଣ୍ଣତା ଓ ସାର୍ଥକତା। କେବେ କେବେ ସେ ବାଙ୍ଗାଲୋର ଯାଇ, ଝିଅ ପାଖରେ କିଛି ମାସ କଟାଇ ପୁନର୍ବାର ଫେରି ଆସନ୍ତି ଓଡ଼ିଶାକୁ। ଓଡ଼ିଶା ତାଙ୍କର ଜନ୍ମସ୍ଥାନ। ଏଣୁ ଓଡ଼ିଶା ଛାଡ଼ିବା କଥା ସେ ଚିନ୍ତା କରନ୍ତି ନାହିଁ।

ଏବେ ଆସିବା ବନବିହାରୀ ବାବୁଙ୍କ ପାଖକୁ। ସେ ଜଣେ ଡାଇବେଟିକ୍। ଦିନକୁ ଦୁଇଥର ଇନ୍‌ସ୍ୟୁଲିନ୍ ନିଅନ୍ତି। ଖାଦ୍ୟ ଲୋଭ ପ୍ରବଳ। ରୋଗ ପାଇଁ ଅନୁଶୋଚନାର ଲେଶ ମାତ୍ର ତାଙ୍କ ମୁହଁରେ ଦେଖିପାରନ୍ତି ନାହିଁ ବିନୋଦ ବାବୁ। ଥରେ ଷ୍ଟ୍ରୋକ୍ ମଧ୍ୟ ଆସି ସାରିଛି। ତାଙ୍କ ଏକମାତ୍ର ପୁଅ ଆମେରିକାର ସିଟିଜେନ୍ ସିପ୍ ନେଇସାରିଛି। ଘର ସହ ସମ୍ପର୍କ ଖୁବ୍ ଶିଥିଳ। ସେ ଓଡ଼ିଶା ଫେରିବାର ନାହିଁ କି ଏମାନେ ଆମେରିକା ଯିବାର ନାହିଁ। ମାତ୍ର ସ୍ୱାମୀ, ସ୍ତ୍ରୀ ଖୁବ୍ ହସଖୁସିଆ। ଘରକୁ ଡାକି ଚା ଜଳଖିଆ ଖୁଆଇବାରେ ଓସ୍ତାଦ୍। ମ୍ୟାଡାମ୍‌ଙ୍କର ମଧ୍ୟ ସିରିଅସ୍ ଜଏଣ୍ଟ୍ ପେନ୍ ସାଙ୍ଗକୁ ହାଇପର୍ ଥାଇରଏଡ୍। ହେଲେ ଏଥିପାଇଁ ସେମାନଙ୍କୁ ଦୁଃଖ କରିବାର ବିନୋଦ ବାବୁ ଏ ଯାଏଁ ଦେଖିନାହାଁନ୍ତି। ବନ ବିହାରୀ ବାବୁଙ୍କ ପକେଟ୍ ଡାଇରୀ ଖୋଲିଲେ ଅସଂଖ୍ୟ ଜରା ନିବାସର ଠିକଣା ଦେଖିବାକୁ ମିଳେ। ପଚାରିଲେ କୁହନ୍ତି – ସେଇଟା ପରା ଆମ ଦୁଇଜଣଙ୍କ ଶେଷ ଠିକଣା। ବାଃ କେତେ ବିନ୍ଦାସ୍ ସତେ ! ହାୟ, ସେ ଏମିତି

ହାଲ୍‌କା ଫୁଲ୍‌କା ହେଇ ପାରନ୍ତେ କି ?

ତୃତୀୟରେ ଦଣ୍ଡପାଣି ବାବୁ। ସବୁବେଳେ ପାନ ଚୋବଉଥିବେ। କୁହନ୍ତି ପାନଖିଆ ତାଙ୍କ ଜୀବନର ଏକମାତ୍ର ସଉକ୍। ପାନ ନ ଥିଲେ ତାଙ୍କ ଜୀବନ ଏକ ଭଙ୍ଗା ଇଞ୍ଜିନ୍ ପାଲଟିଯିବ। ଘରେ ବେକାର ପୁଅ ଓ ତାର ଗୋଟିଏ ଝିଅ। ଖାଲି ସେତିକି ନୁହେଁ ଦୁଇବର୍ଷ ହେଲାଣି ଝିଅ, ଜ୍ୱାଇଁ ସଙ୍ଗରେ ଝଗଡା କରି ଆସି ତାଙ୍କ ପାଖରେ। ତା ପୁଅ, ମାନେ ନାତି ଏବର୍ଷ ଦଶମ ପରୀକ୍ଷା ଦେବ। ଜୀବନ ଚାଲିଛି ମାଡି ମକଚି ହେଇ ତା ବାଟରେ। ହେଲେ ଅଳ୍ପକେ ସନ୍ତୁଷ୍ଟ ଏହି ଲୋକଟି ମୁହଁରେ ସଦାବେଳେ ଝଟକୁଥାଏ ନିର୍ମଳ ହସଧାରେ। ବାଃ ମନେ ମନେ ଖୁବ୍ ତାରିଫ୍ କରନ୍ତି ବିନୋଦବାବୁ ତାଙ୍କୁ।

ଆଉ ରହିଲେ, ଶେଷରେ ସରୋଜ ବାବୁ। ପତ୍ନୀ ହୀନା। ଖୁବ୍ କମ୍ ବୟସରୁ ପତ୍ନୀ ଚାଲିଯାଇଛନ୍ତି ଆରପାରିକୁ। ପୁଅଝିଅଙ୍କର ଅସୁବିଧା ହେବ ବୋଲି ଦ୍ୱିତୀୟ ବିବାହ କରିନାହାନ୍ତି ସେ। ସବୁକିଛି ଠିକ୍ ଚାଲିଥିବା ବେଳେ ଜୋଇଁ ରୋଡ୍ ଆକ୍ସିଡେଣ୍ଟରେ ପ୍ରାଣ ହରେଇଲେ। ଝିଅ ପାଖ ଇଂଲିଶ୍ ମିଡିୟମ୍ ସ୍କୁଲରେ ଟିଚର ଅଛି। ନାତୁଣୀର ଫୋର୍ଥ ଷ୍ଟାଣ୍ଡାର୍ଡ। ବିଧବା ଝିଅକୁ ଦେଖିଲେ ଦୁଃଖରେ ଛାତି ଫାଟିଯାଏ ତାଙ୍କର। ତଥାପି ଉଠାଣି ପକାଣି ରାସ୍ତା ଦେଇ ଜୀବନ ଗାଡି ଗଡି ଚାଲିଛି ଧକେଇ ଧକେଇ। ମଣିଷ ନିଜ ଇଚ୍ଛାରେ ନା ବଞ୍ଚିପାରେ ନା ମରିପାରେ। କେବଳ ପରିସ୍ଥିତିକୁ ମୁକାବିଲା କରିବାର କୌଶଳ ତା ହାତରେ ଥାଏ। କିଏ ଆଘାତ ପାଇ ଭାଙ୍ଗି ଚୂର୍‌ମାର୍ ହେଇଯାଏ ତ କିଏ ଭଙ୍ଗା ଟୁକୁଡାମାନଙ୍କୁ ଯୋଡି ଜୀଇଁବାର ପ୍ରୟାସ କରେ।

ବନ୍ଧୁମାନଙ୍କର ଜୀବନ ଦେଖି ନିଜ ଜୀବନ ସହିତ ସାଲିସ୍ କରିବାକୁ ଚେଷ୍ଟା କରନ୍ତି ବିନୋଦ ବାବୁ। ହେଲେ ପତ୍ନୀ ଆଲୋକିତା ! ସେ କଣ ସେହି ଦୁର୍ଘଟଣାର ଦୁଃଖବଳୟ ଭିତରୁ ନିଜକୁ ବାହାର କରିପାରିଛନ୍ତି ? ବରଂ ଦୁଃଖର ଧୂଆଁରେ ଆକ୍ତାମାକ୍ତା ହୋଇ ପ୍ରତି ମୁହୂର୍ତ୍ତରେ ମୃତ୍ୟୁକୁ ଚାହିଁ ବସିଛନ୍ତି। ହେଲେ ମୃତ୍ୟୁ କଣ କାହା ବୋଲ ମାନେ ନା ଡାକିଦେଲେ "ଓ" କହି ଆସି ପାଖରେ ହାଜର ହୋଇଯାଏ। ଆଲୋକିତା ସେହି ଅଭିଶପ୍ତ ଦିନଠାରୁ ଭୟଙ୍କର ଭାବେ ଡିପ୍ରେସନ୍‌ର ଶୀକାର ହୋଇଛନ୍ତି। ଝିଅ ନମ୍ରତାର ସୁଖି ପରିବାର ହିଁ ତାଙ୍କ ବଞ୍ଚିବାର ଏକମାତ୍ର ଅବଲମ୍ବନ। ଈଶ୍ୱର ତ ସ୍ୱାମୀ ସ୍ତ୍ରୀ ଉଭୟଙ୍କର ଡେଣାକାଟି ଅସହାୟ ଭାବେ ତଳେ ପକେଇ ଦେଇଛନ୍ତି। ଆଉ କଣ କେବେ ସେ ନୀଳ ଆକାଶ ବୁକୁରେ ଉଡିବାର ସ୍ୱପ୍ନ ଦେଖିପାରିବେ ? କେତେ ବା ବୟସ ଥିଲା ପୁଅ ଅରିନ୍ଦମ୍‌ର। ମାତ୍ର ପଚିଶି ବର୍ଷ। ପାଞ୍ଚ ଫୁଟ୍ ଏଗାର ଇଞ୍ଚର ବଳିଷ୍ଠ ଶରୀର। ଆଗରେ ବିସ୍ତୃତ ଭବିଷ୍ୟତ। ହେଲେ କଣ ହେଲା ? ସେଦିନ ଥାଏ ଦୀପାବଳୀ। ଶତ୍ରୁର ଆକ୍ରମଣରେ ବିଧ୍ୱସ୍ତ ହେଲା ଉଇଙ୍ଗ୍ କମାଣ୍ଡର ଅରିନ୍ଦମ୍ ମିଶ୍ରଙ୍କର ଫାଇଟର୍ ଏୟାର କ୍ରାଫ୍ଟ। ତ୍ରିରଙ୍ଗା ଘୋଡା ହୋଇ ଆସିଲା ପୁଅର ନିଷ୍ପ୍ରାଣ ଶରୀର। ଅରିନ୍ଦମ୍ ଅମର ରହେ ସ୍ଲୋଗାନ୍‌ରେ ଗଗନ ପବନ ମୂଖରିତ ହେଲା। ତୋପ ସଲାମି ପରେ ପରେ ପଞ୍ଚଭୂତର ଶରୀର ପଞ୍ଚଭୂତରେ ବିଲୀନ ହୋଇଗଲା। ଜଗତ ତାଙ୍କ ଯୋଦ୍ଧା ପୁଅର ମୃତ୍ୟୁରେ ଶୋକ ପାଳିଲା ସତ ହେଲେ ଜନ୍ମଦାତ୍ରୀ ମା ଆଲୋକିତା ବୁଝେଇ ପାରି ନ ଥିଲେ ନିଜକୁ। ବାରମ୍ବାର ମୂର୍ଚ୍ଛାଗଲେ। ଦିନ ଗଡ଼ିଚାଲିଲା ତା ବାଟରେ। ମାତ୍ର ଆଲୋକିତାଙ୍କ ଜୀବନରେ ଆଉ ଦିନ ଫେରି ନଥିଲା ସେଇଦିନଠାରୁ। ତାଙ୍କ ଜୀବନ ପାଲଟିଗଲା ଏକ ଅସମାପ୍ତ ରାତ୍ରୀ। ଶୂନ୍‌ଶାନ୍, ସ୍ୱପ୍ନହୀନ, ଯନ୍ତ୍ରଣାସିକ୍ତ ରାତ୍ରୀ। ଆକାଶବାଣୀର ସ୍ୱିକୃତୀ ପ୍ରାପ୍ତ ଗାୟିକା ଶ୍ରୀମତୀ ଆଲୋକିତା ମିଶ୍ରଙ୍କ କଣ୍ଠ ସଂପୂର୍ଣ୍ଣ ନୀରବି ଗଲା ସେହି ଭୟଙ୍କର ଦୁର୍ଘଟଣା ଦିନଠାରୁ। ଏକ ଜୀଅନ୍ତା ଶବ ପରି ବଞ୍ଚି ରହୁଥିଲେ ସେ ମୃତ୍ୟୁକୁ ଅପେକ୍ଷା କରି।

ଏଠିକୁ ଆସିବା ପରେ ବିନୋଦ ବାବୁ, ଚାରିଜଣ ବନ୍ଧୁଙ୍କୁ ପାଇ ଟିକେ ରିଲାକ୍ସ ଫିଲ୍ କରୁଥିଲେ ଓ ସବୁ ଈଶ୍ୱରଙ୍କ ଇଚ୍ଛା ଭାବି ସ୍ୱାଭାବିକ ଭାବରେ ଜୀବନ ଜୀଇଁବାକୁ ଚେଷ୍ଟା କରିବା ଆରମ୍ଭ କରିଦେଇଥିଲେ। କେବେ କେବେ ମାନସୀ ମାମ୍ ଅନ୍ୟ ବନ୍ଧୁପତ୍ନୀଙ୍କୁ ନେଇ ଘରେ ହାଜର ହୋଇଯାଆନ୍ତି ଆଲୋକିତାଙ୍କୁ ବୁଝାଇ ପୁଣି ସ୍ୱାଭାବିକ ଅବସ୍ଥାକୁ ତାଙ୍କୁ ଫେରେଇ ଆଣିବା ପାଇଁ। ପ୍ରଥମ ଥର ଯେଉଁଦିନ ସେମାନେ ଆସିଥିଲେ ସେ ଦିନ ତ ଆଲୋକିତା ଆଦୌ ତାଙ୍କ ବେଡ୍ ରୁମ୍‌ରୁ ବାହାରି ନଥିଲେ। ମାତ୍ର ବନ୍ଧୁ ପତ୍ନୀମାନେ ସେମାନଙ୍କର ପ୍ରୟାସ ଜାରି ରଖିଥିଲେ। ବାରମ୍ବାର ଆସି ବୁଝାଇ ଶୁଝାଇ ଏକ ସୂକ୍ଷ୍ମ ସମ୍ପର୍କର ଡୋର ଯା ଭିତରେ ବାନ୍ଧି ସାରିଥିଲେ ଆଲୋକିତାଙ୍କ ରୁଗ୍ଣ ମନରେ।

ଆଗକୁ ଆସୁଥିଲା ଦୀପାବଳୀ। ଅରିନ୍ଦମ୍‌ର ତୃତୀୟ ଶ୍ରାଦ୍ଧ

ବାର୍ଷିକୀ । ତା ମୃତ୍ୟୁପରେ ତାଙ୍କ ଘରେ କେବେ ବି ଆଉ ଦୀପ ଜଳେନି । ଆଲୋକ ସଜ୍ଜା ତ ଦୂରରେ ଥାଉ ଏପରିକି କରେଣ୍ଟ୍ ଚାଲିଗଲେ ମଧ୍ୟ ମହମବତୀଟିଏ ଜଳେଇବାକୁ ଦିଅନ୍ତିନି ଆଲୋକିତା । ଦୀପ ଶିଖା ତାଙ୍କୁ ବିବ୍ରତ କରେ, ଯନ୍ତ୍ରଣା ଦିଏ । ଯେଉଁ ଘରର କୁଳପ୍ରଦୀପ ଚିରଦିନ ପାଇଁ ଲିଭିଯାଇଛି ସେ ଘରର ଘନ ଅନ୍ଧକାରକୁ କଣ ଦୀପଟିଏ ଆଲୋକିତ କରିପାରିବ । ଦିପାବଳୀ ଯେତେ ପାଖେଇ ଆସୁଥାଏ ବିନୋଦ ବାବୁ ସେତେ ଅଧିକ ଅସ୍ଥିର ଓ ଶଙ୍କାଗ୍ରସ୍ତ ହୋଇପଡୁଥାନ୍ତି । କାରଣ ଦୀପାବଳୀ ଦିନ ଆଲୋକିତାଙ୍କର ବ୍ୟବହାର ଖୁବ୍ ବଦଳିଯାଏ । ସେ ହିଂସ୍ର ହୋଇ କେବେ କେବେ ଅଭାବନୀୟ କାଣ୍ଡ କରିବସନ୍ତି । ବିନୋଦ ବାବୁଙ୍କର ଚିନ୍ତା ବଢୁଥାଏ । ସେଥିରେ ପୁଣି ଏଥରକ ଏକ ନୂଆ ଜାଗା ।

ଦୀପାବଳୀ ସଂଧ୍ୟା । ସବୁରି ଘର ଉଜ୍ଜ୍ୱଳି ଉଠିଲାଣି ଦୀପ, ମହମବତୀ ଓ ଲିଚୁ ଲାଇଟ୍‌ରେ । ସବୁରି ଅଗଣା ହସି ଉଠିଲାଣି ଭଲିକି ଭଲି ରଙ୍ଗୋଲିରେ । କିଛି ମାତ୍ରାରେ ବାଣ ଫୁଟିବା ମଧ୍ୟ ଆରମ୍ଭ ହୋଇଗଲାଣି । ହେଲେ ତାଙ୍କ ଘର ଅନ୍ଧାର । କେବଳ ଡ୍ରଇଙ୍ଗ୍ ରୁମ୍‌ଟିରେ ଲାଇଟ୍ ଲଗେଇ ଏକାକୀ ବସିଛନ୍ତି ସେ । ଆଲୋକିତା ସବୁଥର ପରି ଲାଇଟ୍ ଲିଭେଇ ପୂଜାଘରେ । କବାଟ ଦର ଆଉଜା । ହଠାତ୍ କିଛି ପାଦଶବ୍ଦ ସହ ବାଜିଉଠିଲା କଲିଂ ବେଲ୍ । ଦାଉଁ ଦାଉଁ ପଡିଲା ଉଠିଲା ବିନୋଦ ବାବୁଙ୍କର ଛାତି । କବାଟ ଖୋଲି ଦେଖିଲେ ତାଙ୍କ ବନ୍ଧୁ ଚାରିଜଣ ଓ ସେମାନଙ୍କର ଦୁଇଟି ନାତି ନାତୁଣୀ । ତାଙ୍କ ସହିତ ଦୁଇ ବନ୍ଧୁପତ୍ନୀ ମଧ୍ୟ ମିଠା ପ୍ୟାକେଟ୍ ଧରି । ହସି ହସି ସ୍ୱାଗତ କଲେ ସିନା ହେଲେ ମନରେ ଭୀଷଣ ଭୟ । ଆଲୋକିତା ଏ ଗହଳି ଦେଖି ଆଉ ରିଆକ୍ଟିଭ ହେବେନି ତ ? ତାଙ୍କ ମୁହଁର ଭାଷା ପଢ଼ିପାରିଲେ ବୋଧେ ବନ୍ଧୁମାନେ । ମାନସୀ କହିଲେ ବ୍ୟସ୍ତ ହୁଅନ୍ତୁ ନାହିଁ । ଆମେ ଆଲୋକିତାଙ୍କ ପାଖକୁ ଯାଉଛୁ ତାଙ୍କୁ ଏ କୋଠରୀକୁ ନେଇ ଆସିବୁ । ଏହା ଭିତରେ ସରୋଜ ବାବୁଙ୍କ ଝିଅ ନିଜ ସାଥୀରେ ଆଣିଥିବା କିଛି ଦୀପ ଲଗେଇ ସାରିଲାଣି ଦାଣ୍ଡରେ । ବନବିହାରୀ ବାବୁଙ୍କ ପତ୍ନୀ ମଧ୍ୟ ଆଣିଥିବା ମୁରୂଜ ଓ ଚୂନାଚୂନା ଫୁଲରେ କେତେ ସୁନ୍ଦର ରଙ୍ଗୋଲିଟିଏ ବନେଇ ସାରିଲେଣି । ତିନି ସାଙ୍ଗ (ପୁରୁଷ) ଘରୁ ଗୁନ୍ଥି ଆଣିଥିବା ଆମ୍ବ ପତ୍ର ତୋରଣ ଝୁଲେଇ ସାରିଲେଣି ତାଙ୍କ ମୁଖ୍ୟଫାଟକ ଉପରେ । ଭୟ ଜଡସଡ ବିନୋଦ ବାବୁ ପ୍ରମାଦ ଗଣୁଥାନ୍ତି । ବାରମ୍ୱାର ତାଙ୍କ ଦୃଷ୍ଟି ପୂଜାଘର ଆଡୁ ପହଁରି ଆସୁଥାଏ । ହଠାତ୍ ଦେଖିଲେ ଆଲୋକିତାଙ୍କୁ ନେଇ ମାନସୀ ଆସୁଛନ୍ତି । ଆଲୋକିତାଙ୍କ ମୁହଁରେ ଏକ ପ୍ରସନ୍ନଭାବ ସ୍ୱଷ୍ଟ ବାରି ହେଇପଡୁଥାଏ । ସାଥୀମାନଙ୍କ ସାଙ୍ଗରେ ଆସିଥିବା ନାତିନାତୁଣୀ ଦୁଇଜଣ ଦଉଡିଯାଇ ଆଲୋକିତାଙ୍କ ଅଣ୍ଟାକୁ ଜାବୁଡି ଅଳି କଲାପରି ଏକ ସ୍ୱରରେ କହି ଉଠିଲେ – "ଚାଲନା ଆଈ । ଆମ ସାଙ୍ଗରେ ଫୁଲଝରି ମାରିବ ।" ବିନୋଦ ବାବୁ ବିସ୍ଫାରିତ ଆଖିରେ ଦେଖୁଥିଲେ, ଆଲୋକିତା ପିଲା ଦୁଇଟିଙ୍କର କପାଳରେ ଚୁମା ଦେଇ ଫୁଲଝରି ମାରିବାକୁ ଦାଣ୍ଡକୁ ଅଗ୍ରସର ହେଲେ । ବାଣଫୁଟା ପରେ ଆଲୋକିତା ବିନୋଦ ବାବୁଙ୍କ କାନରେ କିଛି ଚୁପିଚୁପି କହିଲେ । ମୁହୂର୍ତ୍ତକ ମଧ୍ୟରେ ଆଜ୍ଞାବହ ପତିପରି ତିନିବର୍ଷ ଧରି କପଡା ଘୋଡା ହେଇ ରହିଥିବା ହାରମୋନିୟମ୍‌ଟିକୁ ଆଣି ବିନୋଦ ବାବୁ ଆଲୋକିତାଙ୍କ ଆଗରେ ରଖିଦେଲେ । ତା ପରର ଘଟଣା ଖୁବ୍ ଅଦ୍‌ଭୁତ ଓ ସୁଖଦ । ଆଲୋକିତା ହାରମୋନିୟମ୍‌ର ରିଡ୍‌କୁ ହାତରେ ଛୁଇଁ ମଥାରେ ମାରି ଆରମ୍ଭ କଲେ ତାଙ୍କ ପ୍ରିୟ ଗୀତ –

"ଜ୍ୟୋତ ସେ ଜ୍ୟୋତ୍ ଜଗାତେ ଚଲୋ
ପ୍ରେମ କି ଗଙ୍ଗା ବହାତେ ଚଲୋ
ରାହମେଁ ଆଏ ଦୋ ଦୀନଦୁଃଖୀ
ସବ୍‌କୋ ଗଲେ ସେ ଲଗାତେ ଚଲୋ ।"

ସମସ୍ତେ ମନ ଭିତରେ ଈଶ୍ୱରଙ୍କୁ କୋଟି ପ୍ରଣାମ ଜଣାଉଥିଲେ । ଏତେ ଦିନର ନୀରବତା ପରେ ଆଜି ଆଲୋକିତା ସଙ୍ଗୀତ ମୂଖର । ସ୍ନେହ, ଶ୍ରଦ୍ଧାର ପରଶରେ ଆଜି ସେ ଦୀର୍ଘଦିନର ଡିପ୍ରେସନ୍‌ରୁ ମୁକ୍ତି ପାଇପାରିଛନ୍ତି । ଜୀବନ ତ ଗୋଟିଏ ଦୀପ ସଦୃଶ୍ୟ । ଦୀପ ଫଟା ହେଲେ ବି, ମାନେ ଜୀବନ ସଂଘର୍ଷମୟ ହେଲେ ବି ଆୟୁଷ ତୈଳ ଥିବାଯାଏଁ ମଣିଷକୁ ଜଳିବାକୁ ହେବ, ଜୀଇଁବାକୁ ହେବ । ଜଳି ଜଳି ଜୀଇଁବା ପରା ଏ ଜୀବନ ଦୀପର ଧର୍ମ ।

**ମମତା ଆଚାର୍ଯ୍ୟ**
ଦାମନଯୋଡ଼ି

# ବଡ଼ ବଡୁଆ ହୋ....

ମନେ ପଡୁଛି ପିଲାଦିନ

ବଡ଼ ବଡୁଆ ହୋ, ଅନ୍ଧାରେ ଆସି ଆଲୁଏ ଯାଅ,
ବାଇଶି ପାହାଚରେ, ଗଡ଼ ଗଡ଼ଉଥାଅ ।

ଆଲୋକର ପର୍ବ ଦୀପାବଳୀ, ପାଇଁ ଏଇଥିଲା ବୋଲି । ଅଗଷ୍ଟ ପନ୍ଦର, ଜାନୁଆରୀ ଛବିସ ପାଳନର କିଛିଦିନ ଆଗରୁ ପିଲାମାନେ ସ୍ଲୋଗାନ ଅଭ୍ୟାସ କଲାକରି, ଦୀପାବଳୀ ପର୍ବ ପାଳନର ଆଗରୁ ଆରମ୍ଭ ହୋଇଯାଏ ଏଇବୋଲି, ବିଶେଷ କରି ଚାରିଟା ବେଳେ ସ୍କୁଲରୁ ଫେରି ପଖାଳ ଖାଇସାରି ବୋହୂଚୋରୀ, କବାଡ଼ି ଆଉ ଲେଙ୍ଗେଡ଼ା ଖେଳ ମଝିରେ ମଝିରେ ଏଇ ବୋଲି ଶୁଭାଯାଉଥିଲା । ଏମିତି ଭିତରେ ଦିନେ ସତକୁ ସତ ଆସି ପହଞ୍ଚିଯାଉଥିଲା ସେହି ମହାନ୍ ପର୍ବ । ଯାକୁ ପୟାଶ୍ରାଦ୍ଧ ଦିବସ ହିସାବରେ ବି ଲୋକେ ମନେ ପକାନ୍ତି । ସକାଳୁ ଚଞ୍ଚଳ ଉଠି ଆମେ ଡାକୁଥିଲୁ ବଡ କକେଇକୁ ଚାଲ ବେଗି ବାଣ ଶୁଖାଇବା, ଡାଲା କୁଲାରେ ଧାଡ଼ି ଧାଡ଼ି କରି ସୁଖାଯାଉଥିଲା ପଳଫୋଟକା, କୁମ୍ପି, ଚକ୍ରି, ଝିରି ଝିରି ଦିଆସିଲି ଆଉ ଲେଣ୍ଡି ବାଣ । ବାଣ ଫୁଟାଇବା ପାଇଁ ଗ୍ରେଡ଼େସନ ଥାଏ, କକେଇ ଫୁଟେଇବେ ତାଳଫୋଟକା, କୁମ୍ଫି, ଚକ୍ରି ଆଉ ପିଲାଏ ତାକୁ ଦେଖି ଉପଭୋଗ କରିବେ । ପିଲାଙ୍କ ଫୁଟାଇବା ପାଇଁ ଝିରିଝିରି ଆଉ ଦିଆସିଲି ବାଣ, କୁନି କୁନି ପିଲାମାନେ ଖାଲି ଦେଖିବେ, ସକାଳୁ ଗାଧୋଇଆସି ନାଲି ମାଟି ଲିପା କାଠ ଦୁଆର ବନ୍ଧରେ ଝୋଟି ଦଉଥିଲା, ଖୁଡ଼ି ଆସି ଗୋବର ଟେଳାରେ ସିନ୍ଦୁର ଟୋପାଏ ମାରି ଫୁଲଟିଏ ଗୁଞ୍ଜି ଦେଉଥିଲେ । ମା (ଜେଜେ ମା) ବ୍ୟସ୍ତ ହଉଥିଲା ଆଜି ବହୁତ କାମ । କେମିତି ଚଞ୍ଚଳ ଠାକୁର ପୂଜା ସାରିବି । ବଡ଼ କକେଇ ବ୍ୟସ୍ତ କେଉଁଠୁ ଆଖୁ, କନ୍ଦମୂଳ, ସୁଆମଲୁଇ, ବାଲୁଙ୍ଗାଧାନ, ଗଇବଫୁଲ ଇତ୍ୟାଦି, ଆଉ କେତେବେଳେ ହଣାହବ ଖୁଖୁଣ୍ଡି । ତା'ପରେ ଯୋଗାଡ଼ ହେବ ବଡ଼ ବଡ଼ ପଣସପତ୍ର ଚଉଷଠିଟା ଆଉ ଚଉପଦି ସିଇଁବାକୁ କମି, ଯା' ମଧ୍ୟରେ ମଧ୍ୟାହ୍ନ ଭୋଜନ ସାରି ଲାଗି ପଡୁଥିଲୁ ସନ୍ଧ୍ୟାବେଳ ପାଇଁ କାମରେ । କିଏ ସାଇଜ୍ କରି କାଉଁରିଆ ଭାଙ୍ଗୁଥିଲା ତ କିଏ କାଉଁରିଆ ଅଗରେ ପୁଳା ଗୁଡ଼ାଇ ବଳିତା କରୁଥିଲା । ତହିଁରେ ଘିଅ ଆଉ କର୍ପୁର ଦବା କାମ ଥିଲା କକେଇଙ୍କର । ଆଖୁ, କନ୍ଦମୂଳ ଇତ୍ୟାଦିକୁ ଛୋଟ ଛୋଟ କରି କାଟି କକେଇ ଭୋଗ ସଜାଇ ରଖୁଥିଲେ । ତା'ପରେ ଅଟା ଚକଟି ଚଉଷଠିଟା ଗୋଲି କରି ରଖୁଥିଲୁ କାଉଁରିଆ ବଳିତାର ଷ୍ଟାଣ୍ଡ ପାଇଁ । ଯା ମଧ୍ୟରେ କୁଳ ମା (ହଳିଆଣି) ଆସି ଗୋବରରେ ଦୁଆର ଲିପି ଦେଇଯାଇଥାଏ, ସଜଡ଼ା ହୋଇ ରଖାଯାଇଥିବା ଜିନିଷ ସବୁ ବୁହାହୁଏ ଦୁଆରକୁ । ପୟାଶ୍ରାଦ୍ଧ ପାଇଁ କୋଠି କାଟିବାରେ କକେଇ ଥିଲେ ସିଦ୍ଧହସ୍ତ । ଅଟାରେ କୋଠି କଟାଯାଇ ତା ଭିତରେ ଭୋଗ ଆଉ କାଉଁରିଆ ଦୀପ ଭାରୀ ସୁନ୍ଦର ଦିଶୁଥାଏ, ପୂର୍ବଦିଗ ପଟକୁ ବିଶ୍ୱଦେବାଙ୍କର ଦଶଟି କୋଠି । ଉତ୍ତର ପଟକୁ ସପ୍ତଋଷିଙ୍କର ଚଉଦଟି କୋଠି, ଦକ୍ଷିଣ ପଟକୁ ପିତୃପୁରୁଷଙ୍କ ପାଇଁ ଛତିଶଟି କୋଠି, ତା'ରେ ଦିବଂଗତ ଅନ୍ୟ ଗୁରୁଜନଙ୍କ ପାଇଁ ଗୋଟିଏ, ଗ୍ରାମବେଦତୀ, ଗଣେଶ ଓ ବୃନ୍ଦାବତୀଙ୍କ ପାଇଁ ଗୋଟିଏ ଲେଖାଏଁ କୋଠି । ଏମିତି ସର୍ବମୋଟ ଚଉଷଠି କୋଠି, ଚଉଷଠି ଭୋଗ ଚଉପଦି ଓ ଚଉଷଠି କାଉଁରିଆ ଦୀପ, ଏତିକି ଯୋଗାଡ ଆଉ ଏତିକି ବିଧି, ସେତିକି ଶ୍ରଦ୍ଧା ଆଉ ନିଷ୍ଠା ନ ଥିଲେ ଆଦୌ ସମ୍ଭବ ନୁହଁ । ଏଥିପାଇଁ କୁହାଯାଏ ଶ୍ରଦ୍ଧାରୁ ଶ୍ରାଦ୍ଧ । ତା'ପରେ ବଡ଼ କକେଇ ଆଦର୍ଶ ଶ୍ରାଦ୍ଧ ପଦ୍ଧତି ବହି ଧରି ମନ୍ତ୍ର ବୋଲନ୍ତି, ନନା ଦୀପ ଲଗାଇ ପାଣି ଛଡ଼ାନ୍ତି । ଶ୍ରାଦ୍ଧ ସରିଲେ ବଡ଼ ବଡୁଆ ଟେକା ହୁଏ । କାଉଁରିଆ କାଠି ଝୋଟରେ ବନ୍ଧାଯାଇଥିବ, ଘର ସଦସ୍ୟ ଯେତିକି ସେତିକିଟା କାଉଁରିଆ ବିଡ଼ା କରାଯାଇଥିବ । ସେଥିରେ ନିଆଁ ଲଗାଇ ଉପରକୁ ଟେକି ବୋଲାଯିବ, "ବଡ଼ ବଡୁଆ ହୋ, ଅନ୍ଧାରେ ଆସି ଆଲୁଏ ଯାଅ । ଆମର ବିଶ୍ୱାସ ପିତୃପୁରୁଷ ଅପର ପକ୍ଷରେ ଧରାବତରଣ କରି ଆମ ଗହଣରେ ରହନ୍ତି ଆଉ ଦୀପଦାନ ଅମାବାସ୍ୟା ଦିନ ଆମେ ବଡ ବଡୁଆ ଟେକି ତାଙ୍କୁ ସ୍ୱର୍ଗଲୋକକୁ ଫେରିଯିବା ପାଇଁ ବାଟ ଦେଖାଉ, ତାପରେ ଗାଈ ବଳଦଙ୍କୁ ବି ଖାଇବାକୁ ଦିଆଯାଏ ପିଠା ମିଠା । ସବୁ ଭୋଗଚଉପତି ଉଠେଇ ରଖାହୁଏ, ପରଦିନ ସକାଳେ ପୋଖରୀରେ ପକାଇବା ପାଇଁ । ଉଦ୍ଦେଶ୍ୟ ହେଲା ଜଳଜୀବ, କୀଟପତଙ୍ଗ ତ ପୁଣି ଖାଇବେ । ତା'ପରେ ଯାଇ ବାଣ ଫୁଟା, ସେତେବେଳକୁ ପିଲାଙ୍କ ବ୍ୟସ୍ତତା କହିଲେ ନସରେ, ଜଲ୍‌ଦି ସାର ବାଣ ଫୁଟାଇବା । କକେଇ ବୁଝାଉଥିବେ ପିତୃପୁରୁଷ, ପଶୁ, ଜଳଜୀବ ସମସ୍ତଙ୍କ କଥା ବୁଝିସାରିବା ଆଉ ବାଣ ଫୁଟେଇବା ।

ଏହି ହେଲା ଆମର ମହାନ୍ ପରମ୍ପରା । ବୈଦିକ ସଂସ୍କୃତିର ମାତ୍ର ଏକ ଖିଅ ହେଉଛି ଆମ ସଂସ୍କୃତି । ଏହାରି ମାଧ୍ୟମରେ ଆମେ ଯୋଡ଼ି ହୋଇଥିଲୁ ଆମ ପୂର୍ବପୁରୁଷଙ୍କୁ, ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନଙ୍କୁ । ଶ୍ରାଦ୍ଧରେ କୁହାହୁଏ ବାପାଙ୍କ ତିନି ପୁରୁଷଙ୍କ ନାମ, ମା'ଙ୍କ ତିନି ପୁରୁଷଙ୍କ ନାମ, ମାମୁଁଙ୍କ ତିନିପୁରୁଷ ଆଉ ମାଇଁଙ୍କ ତିନିପୁରୁଷ । ପୂର୍ବପୁରୁଷ, ଦଶଦିଗପାଳ, ସପ୍ତଋଷି, ଦିବଂଗତ ଗୁରୁଜନ ସମସ୍ତଙ୍କୁ ନେଇ ଆମର ପର୍ବ । ଆମ ସଂସ୍କୃତି କେତେ ମହାନ୍ ! ଆଜି କିନ୍ତୁ ସମୟ ବଦଳିଯାଇଛି । ପରିବାରର, ସଂପର୍କର ସଂଜ୍ଞା ବି ବଦଳିଯାଇଛି । ପିଲାଟି ବୁଝୁଛି ପରିବାର ମାନେ "ବାପାଟିଏ, ମାଟିଏ ଆଉ ମୁଁ । ତା' ବ୍ୟତୀତ ପିଲାଟି ଆଉ କାହାକୁ ଜାଣୁନି । ସେ ହୋଇ ପଡିଛି ଯନ୍ତ୍ର ସର୍ବସ୍ୱ ମୋବାଇଲ ଟିଭିରୁ ସେ ଆନନ୍ଦ ପାଇବାକୁ ଚେଷ୍ଟା କରୁଛି । ସହାନୁଭୂତି, ସହନଶୀଳତା ଓ ସମବେଦନା ଏସବୁ ଆଜି ଦୁରୁହ ହୋଇ ପଡ଼ିଛି । ଅବଶ୍ୟ ଆମେମାନେ ବି ଏଥିପାଇଁ କେତେକାଂଶରେ ଦାୟୀ । ଚାଲନ୍ତୁ ସମସ୍ତେ ଆଗଭର ହେବା । ଆମେ ଫେରାଇ ଆଣିବା ଆମର ସେହି ମହାନ ପରମ୍ପରାକୁ, ଆମର ସଂସ୍କୃତିକୁ ଯେଉଁଠି ରହିଛି 'ପୂଜ୍ୟପୂଜା'ର ପରମ୍ପରା । ମନେପଡ଼େ ସେଇ ପଂକ୍ତି :

ବୈକୁଣ୍ଠ ସମାନ ଆହା, ଅଟେ ସେହି ଘର ।
ପରସ୍ପର ସ୍ନେହ ଯହିଁ, ଥାଏ ନିରନ୍ତର ।।

**ଶ୍ରୀମତୀ ଅନୀତା ରଥ**
ଅନୁଗୁଳ

### ଆନନ୍ଦ ଓ ଉଲ୍ଲାସର ପର୍ବ

# ଦୀପାବଳି

ଢୋ ଢା କେତେ ଶବ୍ଦ କରିବ
କାନ ହେବ କିଳି କିଳି,
ଆସିଗଲା ଦୀପାବଳି ।
ବାଣ ଜଳି ଯାଇ ଧୂମ୍ରମୟ
ହେବ ଚତୁର୍ଦ୍ଦିଗ ଆରେ ଭାଇ ।
ଆନନ୍ଦ ଉଲ୍ଲାସ ହେବା ପାଇଁ

ଆସିଗଲା ଦୀପାବଳି
ତୁ ଆସିଲୁ ବୋଲି
ଲକ୍ଷ ଲକ୍ଷ ଟଙ୍କା ଗଲା ଜଳି ।

ତୋ ଖୁସିର ଆଲୋକରେ ପୁଲକିତ ଗଳି
କିଏ ମାରେ ଝରଝରିଆ, ତ କିଏ ମାରେ ହବାଳି ।
ଆସିଗଲା ଦୀପାବଳି ।
ବାଃ ବାଃ ଦୀପାବଳି ।
ଧନୀ ଖୁସିରେ ଉଡ଼ାଏ ତୋ ନାମେ ପଇସା
ଗରିବ ତୋ ବିନେ ହୁଏ କେତେ ଲୋକହସା ।

ଆକାଶ ଦୂଷିତ ହେଲା ତୋ ବାଣର ଧୂଆଁରେ
ରାସ୍ତା ଘାଟରେ ଅଳିଆ ପୋଡ଼ା କାଗଜରେ
ଭାବିଲେନି ରାସ୍ତା କଥା ଶୋଇଗଲେ ଜାଳି
ଆସିଗଲା ଦୀପାବଳି ।

ବାଣର ନାହିଁ ପ୍ରୟୋଜନ
ଦୀପାବଳି ପର୍ବ ପାଳନ ଉଦ୍ଦେଶ୍ୟେ
ଚଉଦ ବର୍ଷ ବନବାସ ପରେ ଫେରିଥିଲେ ରାମ
ଜାନକୀଙ୍କ ସହ
ଅନ୍ଧକାର ଦୂର କରିବା ଉଦ୍ଦେଶ୍ୟେ ।
ଆସିଗଲା ଦୀପାବଳି ଆଲୋକ ନେଇ
ଦୁନିଆରୁ ଅନ୍ଧକାର ଦୂର କରିବା ଉଦ୍ଦେଶ୍ୟେ
ଆସିଗଲା ଦୀପାବଳି
ଦିଅ କରତାଳି ହୁଳହୁଳି ।
ଆସିଗଲା ଦୀପାବଳି ।

**ଶିଖା ନାୟକ**
ଅନୁଗୁଳ

# ଦୀପାବଳି

ଆଲୋକର ସମ୍ଭାର ନେଇ ଦୀପାବଳି ଆଜି ଆଲୋକିତ
ହୃଦୟର ଅନ୍ଧକାର ସତେ ଅବା ହୋଇଯିବ ଦୂରିଭୂତ
ପୁଞ୍ଜିଭୂତ ବେଦନାରେ ଅସ୍ଥିର ଏ ମାନବ ଜୀବନ
ଆଖି ଲୁହ ଆପଣାର ସାଥି ଭାବି ବିତିଯାଏ ଦିନ
ଧୂଳିସାତ୍ ହୁଏ ଏଠି କେତେ ଆଶା କେତେ ସୁନେଲି ସପନ
ପୁଣି ନୂଆ ଉନ୍ମାଦନା ଭରି ଉଠେ ଏଇ ତ ଏ ମଣିଷର ମନ
ଆଶା ଆଉ ନିରାଶାର ଅତୀତ ଯେ ଗଭୀର ସମୁଦ୍ର ।
ଆଗକୁ ଯେ ଆଖି ପାଉନାହିଁ, ନାହିଁ ଏତେ ଧୈର୍ଯ୍ୟ ।

ଆସ ଆସ ମା' ତୁମେ ନୂତନ ଆଲୋକବର୍ତ୍ତିକା ହୋଇ ।
ନିଃସ୍ୱ ଏଇ ମାନବ ହୃଦୟେ ଆଶାର ଦୀପ ଜଳାଇ
ହାତ ପାତି ନିଅ ସବୁରି ଦୁଃଖ ଅଞ୍ଜଳିରେ ତୁମେ ଭରି
ଧନ୍ୟ ଲଭୁ ଏ ମାନବ ଜନ୍ମ ତୁମରି କଲ୍ୟାଣ ପାଇ ।

**ସୀମା ମିଶ୍ର**
ଦାମନ୍‌ଯୋଡ଼ି

# 'ମା'
# ସାଜିଗୋ କଳୁଷ ନାଶିନୀ

କାକଟପୁରର ମାଆ ମଙ୍ଗଳା ଲୋ
ଆନ ନାମ ଧୂମାବତୀ ।
ଚିଲିକାରେ ତୁହି ମାଆ କାଳିଜାଈ
ବାଣପୁରେ ଭଗବତୀ ॥
ଭଦ୍ରକରେ ମାଆ ପୂଜା ପାଉ ପରା
ଭଦ୍ରକାଳୀ ନାମ ବହି,
ପୁରୀରେ ବିମଳା ଝଙ୍କଡ଼େ ଶାରଳା
ଯାଜପୁରେ ବିରଜାଈ ।
ବାଙ୍କିଗଡ଼େ ତୁହି ଚର୍ଚ୍ଚିକା ବୋଲାଉ
ତାଳଚେରରେ ହିଙ୍ଗୁଳା,
କଟକରେ ତୁହି ଚଣ୍ଡୀ ନାମେ ଖ୍ୟାତ
ଭକ୍ତପାଇଁ ମା' ମଙ୍ଗଳା ।
ସମ୍ବଲପୁରରେ ନାମ ସମଲାଈ
କୋଣାର୍କରେ ରାମଚଣ୍ଡୀ
ଗଡ଼ଖାଇରେ ତୁ ଅଧିଷ୍ଠାତ୍ରୀ ଦେବୀ
ନାମ ପରା ଗଡ଼ଚଣ୍ଡୀ

ବଡମ୍ବାରେ ତୁମେ ଭଟ୍ଟାରିକା ନାମ
ପାର୍ବତୀ ମଙ୍ଗଳମୟୀ
ଭୁବନେଶ୍ୱରରେ ଗଉରୀ ବୋଲାଉ
ଶୁଭଙ୍କରୀ ଶୁଭମୟୀ
ପୁରୁଷୋତ୍ତମପୁରେ ତାରାତାରିଣୀ ଯେ
ବ୍ରହ୍ମପୁରେ ବୁଢ଼ୀ ଠାକୁରାଣୀ
ଭବାନୀପାଟଣାର ମାଣିକେଶ୍ୱରୀ ଗୋ
ଘଟଗାଁରେ ମାଆ ତାରିଣୀ
ହିମନନ୍ଦିନୀ ଗୋ ମହିଷାମର୍ଦ୍ଦିନୀ
ଶିବପ୍ରିୟା ଶିବମୋହିନୀ,
ଦୁର୍ଗା ନାମେ ତୁମେ ଆସ ଅବତରି
ସାଜିଗୋ କଳୁଷ ନାଶିନୀ

**ବିମଳା ସିଂ**
ସମ୍ପାଦିକା, ଗୋଧୂଳି
ଭୁବନେଶ୍ୱର

# ଦୁର୍ଗା ଦୁର୍ଗତୀ ନାଶିନୀ

ପାର୍ବଣର ଋତୁ ଆସିଗଲେ
ସବୁରି ମୁହେଁ ଖେଳିଯାଏ
ଆନନ୍ଦର ଲହରୀ
ଭକ୍ତଗଣ ଚାହିଁ ରହିଥାନ୍ତି
ତୋର ଆଗମନକୁ
ହେ ମା ଅଭୟଦାୟିନୀ
ଦେଖ ଆଜି କଳୁଷିତ ଧରାଧାମ
ଦୁର୍ନୀତିର ଚେର ଲମ୍ବିଛି
ରାଜନୀତିର ପଶାପାଲିରେ
ନାହିଁ ଶକ୍ତି, ନାହିଁ ସୁଖ
ହେ-ମା-ଯୋଗମାୟା
ପାପବିମୋଚିନୀ

ଯେଉଁ ରୂପ ଧରି ସଂହାର କରିଥିଲ
ମହିଷାସୁରକୁ
ଏଥର ସେହିରୂପ ଧରି
ଓହ୍ଲାଇ ଆସ ଧରାପୃଷ୍ଠକୁ
ଦୁଷ୍ଟଙ୍କୁ ସଂହାରି
ସନ୍ଥଙ୍କୁ ପାଳିବାପାଇଁ

**ବ୍ରଜେଶ୍ୱରୀ ସିଂହ**
ସଂପାଦିକା 'ବଉଳଫୁଲ'
ଯାଜପୁରରୋଡ, ଯାଜପୁର

# ପ୍ରଭୁ ତୁମେ କାହିଁକି ?

ନିବନ୍ଧ କାରାଗାରର ଶିକୁଳି ଖୋଲି
ଯଦି ବାହାରକୁ ଚାଲିଯିବାର ଥିଲା
ତେବେ ବନ୍ଦୀଘରେ ଜନ୍ମନେଲ କାହିଁକି ?

ଛପନ ବ୍ୟଞ୍ଜନ ନିମିଷକେ ଦେଇ ଲକ୍ଷ୍ମୀ
ଯାହାର ଚରଣେ ମଗ୍ନ, ତାର ଅଭାବ କ'ଣ ଥିଲା
ତୁମେ, ମାଖନ ଓ ବସ୍ତ୍ର ଚୋରି କରୁଥିଲ କାହିଁକି ?

ଆଁ କରି ବିଶ୍ୱ ବ୍ରହ୍ମାଣ୍ଡର ଦର୍ଶନ ଦେଉଥିବା
ଯଶୋଦା ମାଁଙ୍କୁ ପୁଣି ଅପବାଦ ଶୁଣାଇ,
ବନ୍ଧା ହେଉଥିଲ କାହିଁକି ?

ଭୀଷ୍ମ, ପ୍ରହଲ୍ଲାଦ, ଉଦ୍ଧବ ଓ ନାରଦ ଭଳି
ଭକ୍ତମାନେ ଭାବରେ ହୃଦୟ କିଣି ନେଲେ,
ହେଲେ, ପ୍ରିୟ ସଖା ସୁଦାମାଙ୍କ ଏ
ଦୁର୍ଦ୍ଦଶା କାହିଁକି ?

ଷୋଳ ସହସ୍ର ବ୍ରଜବାସୀଙ୍କ ବଂଶୀସ୍ୱନରେ
ମନ୍ତ୍ର ମୁଗ୍ଧ କରି ରାସ ରଚିଲେ ମଧ୍ୟ,
ବିରହିଣୀ ମାନିନୀ ରାଧିକାଙ୍କ ମାନ ଭଞ୍ଜନ
ପାଇଁ ଭ୍ରମର ସାଜିଲ କାହିଁକି ?

ଯଦିଓ ତୁମରି ଇଚ୍ଛା ବିନା ଗଛରେ ପତ୍ରଟିଏ
ହଲେନି, ଦୁଷ୍ଟ ଦାନବଙ୍କ ବିନାଶ ପାଇଁ
ବାରମ୍ବାର ଜନ୍ମ ନେବାକୁ ହୁଏ, ତେବେ
ସେମାନଙ୍କ ଜନ୍ମ ହିଁ କାହିଁକି ?

ବେଳେବେଳେ ଅଭିମାନରେ, ଆର୍ଦ୍ର ନୟନରେ
ତୁମକୁ ଖୋଜୁ ଖୋଜୁ, ତୁମ ସ୍ନେହଭରା
ପରଶରେ ଚମକି ଉଠେ
ଅଥଚ
କଷ୍ଟରେ ଘୋର ଚିତ୍କାର କରି ତୁମର କୃପା ପାଇଁ
ଚାତକ ପରି ଚାହିଁ ରହିଥିବା ବେଳେ ତୁମେ
ଦୂରରେ ଥାଇ ମୃଦୁ ମୃଦୁ ହସୁଥାଅ, କାହିଁକି ?
କୁହ ପ୍ରଭୁ ଥରେ ଏସବୁ କାହିଁକି ?

**କମଳ ସାହୁ**
ଅନୁଗୁଳ

## ତୁମକୁ ପାରୁନି ତ ଭୁଲି...

ବର୍ଷାଭିଜା ଭାଦ୍ରବର ଖରା ଆଜି
ତୁମ ଅପେକ୍ଷାରେ...
ଶରତର ଜ୍ୟୋତ୍ସ୍ନା ଆଜି ପ୍ରତୀକ୍ଷାରେ
ରହିଅଛି କରିବାକୁ ସ୍ୱାଗତ ତୁମର,
ଗଣେଶ, ବିଶ୍ୱକର୍ମା ପୂଜାର ଆଗମନ
ଜଣାଇ ଦେଉଛି ଅନ୍ତ ତୁମ ପ୍ରତୀକ୍ଷାର ।

କେବେ ଉଭାହେବ ମା
ଖୋଲିତୁମ କରୁଣା ଭଣ୍ଡାର,
ଦୁଃଖଭୁଲି ଚାରିଆଡେ ଖେଳିଯିବ
ଆନନ୍ଦ ଲହରୀ,
ସମସ୍ତେ ସଙ୍ଗୋଳି ଯିବେ ପ୍ରିୟ ପରିଜନେ ।
ମୁଁ......... କିନ୍ତୁ.....
ସବୁବେଳେ ଝୁରୁଥିବି ତୁମେ ପହଞ୍ଚିବା ପୂର୍ବରୁ
ସବୁଦିନ ପାଇଁ ହରାଇଥିବା ମୋର
ସବୁଠାରୁ ପ୍ରିୟ ମଣିଷଙ୍କୁ ।

**ସୁଷମା ପଟ୍ଟନାୟକ**
ଅନୁଗୁଳ

# ବଦଳିଛି ମୋ ଗାଁ ସହରକୁ

ଫେରିଛି ଗାଁକୁ ମୋ
ଦୀର୍ଘଚାରି ବର୍ଷ ପରେ.
ମନେ ଖାଲି ଉଙ୍କି ମାରୁଥଲା,
ଗାଁ ମୁଣ୍ଡ ବରଗଛ,
ପୁଣି ଭାଗବତ ଟୁଙ୍ଗି,
ତାପରେ ପୁଣି ସୀତା ସାଗର,
ଯାହାର କାଚ କେନ୍ଦୁ ଭଳି ପାଣି ।
ଝଙ୍କାଳିଆ ଓସ୍ତ ତଳେ,
ମା ମଙ୍ଗଳାଙ୍କ ଆସ୍ଥାନ,
ହେଉଥାଏ ସେଠି ଝାଞ୍ଜ ସାଙ୍ଗକୁ କୀର୍ତ୍ତନ,
ତା ପଛକୁ ଯେ ଚକା ଆଖିର ଦେଉଳ,
ସେପାଖରେ ରହୁଥିଲା ମୋ ବଉଳ ।
ବ୍ରାହ୍ମଣ ସାହୀ ପଛକୁ ଯେ,
ଆଉ ଦି'ଟା ସାହି,
ତାପରେ ବିଲମାଳ
ସାଙ୍ଗକୁ ଆମ୍ବ ତୋଟା, ଗହଳ,
ପୁଣି ତାଳବଣ,
ଝୁଲୁଥାଏ ଖାଲି,
ସାଇଁ ସାଇଁ ହେଇ,
ରଜଦୋଳି, ମାଳ, ମାଳ,
ଚଳଚ୍ଚିତ୍ର ପରି ଉଭା ହେଲେ ସଙ୍ଗୀ,
ଲତା, ମାଳତୀ ଆଉ ତମାଳ
କାହାକୁ ତ ଭୁଲି ନାହି.. ମୁଁ
ଉକୁଟି ଗଲା ହସ ଧାରେ
ମୋ ମୁହେଁ ଅନାୟାସରେ ।
ଗାଁ ଯେତେ ହେଉଥାଏ ନିକଟ
ମନ ମୋ ହେଉଥାଏ ସେତିକି ଉଚ୍ଚାଟ,
ମନେ ପଡୁଥାଏ "ସନିଆଦାଦା"ର ଆକଟ,
ପୁଣି ପଦ୍ମା ମାଉସୀର ପୋଡପିଠା ଖଣ୍ଡ ।
ଖଣ୍ଡେ ବାଟରୁ ଦିଶିଲାଣି,
ଗାଁର ନାଁ ଲେଖା ତୋରଣ,
ପୁଣି ଉଡୁଥିବା ବାନା ମନ୍ଦିର ଚୂଳର ।

ସ୍ୱାଗତ କରୁଛି ପକ୍କା ସଡ଼କ,
ପ୍ରଧାନମନ୍ତ୍ରୀ ଯୋଜନାର,
ଭାଗବତ ଟୁଙ୍ଗୀ ପାଲଟିଛି ଆଧୁନିକ,
ବିପଣୀ ବହୁତଳ ପ୍ରସାଦର ବିରାଜମାନ ଏକ ।
ନାହିଁ ସେଠି "ବନା ଭାଈ"ର ପାନ ଦୋକାନ
କିମ୍ବା କିରାଣ ଦୋକାନ "ମଦନ ନନା"ର ।
ଦି ପାଦ ଆଗେଇଲେ ଦି ପାଦ ଫେରୁଛି ମନ ।
ନାହିଁ ସେଠି ଚିହ୍ନା ମୁହଁ ।
କିମ୍ବା ଆତ୍ମୀୟତାର ଚିହ୍ନ ।
ସବୁ କିଛି ପାଲଟିଛି ଆଜି ସ୍ମୃତିର ପଟ୍ଟଚିତ୍ର
ନା ବିଲମାଳ,
ନା ଆମ୍ବ ତୋଟା,
ନା ରଜଦୋଳି,
ନାହିଁ ସେଠି ପୋଡପିଠା
ଅବା ମଣ୍ଡାପିଠା
ସ୍ଥାନ ନେଇଛି "ସବ୍‌ୱେ" ସାଙ୍ଗକୁ
"ବର୍ଗର" ଆଉ "ପିଜ୍ଜା" ।
ହଜିଯାଇଛନ୍ତି ।
ସ୍ନେହରେ, ଯତ୍ନରେ,
ଆକଟିବା ସନିଆ ଦାଦ ମାନେ
ପୁଣି ସ୍ନେହ ବୋଳା ହସରେ,
ଯାଚୁଥିବା ରଜପିଠା ପଦ୍ମା ମାଉସୀ ମାନେ,
ଶୁଷ୍କ ସେ ଦୀର୍ଘୀକା,
ଅଲୋଡ଼ା ଆଜି ଦୀପଦଣ୍ଡୀ,
ହେଇଛି ଉନ୍ନତି ମୋ ଗାଁର
ବଦଳିଛି ମୋ ଗାଁ, ଆଜି ଏକ ସହର ।
ସତରେ ଖୋଜୁଛି ମୁଁ କାହାକୁ
ଆସିଛି ମୁଁ କାହା ପାଇଁ
ଏତେ ଦୂର... ???

**ଗାୟତ୍ରୀ ପାଣିଗ୍ରାହୀ**
ବ୍ରହ୍ମପୁର

संगिनी INTERVIEW

# NALCO'S SHINING STARS

***NALCO, as a responsible corporate citizen has always given thrust towards promoting the talents of Odisha. As part of its sportive and supportive spirit, NALCO has provided employment opportunity to many sporting talents of Odisha, who have earned national and international reputation. Such shining stars are; Chess player Ms Aparajita Gochhikar and Javelin Throw player Ms Damayanti Murmu, who have recently joined the Nalco family. A tete-a-tete with Aparajita and Damayanti:***

## APARAJITA GOCHHIKAR

**Sanginee:** Hello, can you please tell us about you?

**Aparajita:** Hello! Namaste!!



I am Aparajita Gochhikar. I basically belong to Puri. I am an International Chess Player of Odisha. Currently working in NALCO. I have completed my post-graduation in MBA from KIIT University, Bhubaneswar.

**Sanginee:** Where did you get inspiration to play this game and how did you pick Chess as your carrier?

**Aparajita:** I got the inspiration to play chess from my father. He was a member of the District Chess Association earlier and he was also a Cricket player. He always inspired me to choose my career in Sports and represented the country in International level, which made me determined to play well and perform at the International level.

**Sanginee:** Did you face any obstacles or on challenges initially to take forward this game to reaching this point?

**Aparajita:** Of Course!! It is said that, "Failure is the pillar of Success". Failure guides us towards the way to success. When I started playing Chess, People in the society used to tell, "How far a girl can go and what she can achieve by pursuing sports as career?" These criticisms boosted my spirit more to excel in the game and I got determined to bring medals for India.

**Sanginee:** Though we are aware of your achievements in this field, still we are very keen to know about your major achievements in this game?

**Aparajita:** The first International level achievement was a Gold Medal in Commonwealth Chess Championship 2011 held at Johannesburg, South Africa. Consecutively in 2012 and in 2013, I bagged Silver Medals in Commonwealth Championships. Besides, I have bagged one Silver Medal & one Bronze in World level and Bronze medal in Asian level as well. For these achievements, I was awarded with Candidate Master Title by World Chess Federation (FIDE).

**Sanginee:** So, now how do you feel when you are leading the life of a sportsperson?

**Aparajita:** I feel good as a sports person, especially the Sportsman spirit makes me feel enthusiastic. When I bag medals for our country and the National Anthem resounds abroad, I really feel very proud! And of course I am thankful to NALCO, a Navratna CPSE for recognizing my talent and giving me opportunity to be a part of NALCO family. The company always encourages sports persons to grow in their sports career.

**Sanginee:** Who is your coach and what do you want to say about him/her?

**Aparajita:** My first coach was Mr. Shymal Kundu, who was a local coach and taught me the basic level of Chess. For the advance beginner level I took coaching from Mr. Subhas Sahoo & IM Sekhar Sahu. Now I am taking coaching from Grand Master Zianatov Rashid from Ukraine through internet.

**Sanginee:** How do you spend your time when you are free from any of your sports competition or events?



**Aparajita:** Whenever I find some free time during my tournament, I do feel good to explore the tourist places which exhibit the art and culture of the city. Also I like to watch the biographical and intellectual movies.

**Sanginee:** How do you manage yourself to stay fit and healthy?

**Aparajita:** In the International level competitions, one needs to stay calm to overcome the pressure and negativity. It is very important for a player to stay mentally and physically fit to focus on the game. I do yoga, Pranayam and walking to make myself fit and healthy.

**Sanginee:** Who has been your role model?

**Aparajita:** I do get inspired from my role model the Chess World Champion Shri Viswanathan Anand.

**Sanginee:** Do you have any interest in other sports apart from Javelin throw?

**Aparajita:** I also like to play badminton and archery.

**Sanginee:** If you were not a sports person, then what would you prefer to be?

**Aparajita:** I would have chosen the career as an architect if not a sports person.

**Sanginee:** What will be your words of inspiration for those who are stepping forward to take it as their goal?

**Aparajita:** Determination, Dedication and Devotion turns the impossible into possible. We should always keep trying to achieve our goal. The person who tries, never fails. If you keep trying, definitely success will be with you.

## दमयंती मुर्मू



**संगिनी** : नमस्ते ! संगिनी को आपसे बातचीत करते हुए अतीव प्रसन्नता है । सबसे पहले हमें कृपया अपने बारे में कुछ बताइये।

**दमयंती** : नमस्ते ! मैं, **दमयंती मुर्मू**, मयूरभंज ज़िला के बागरोपोषी ग्राम से हूँ । मैं राष्ट्रीय स्तर पर जैवलिन थ्रो खेलती हूँ और नालको में काम भी करती हूँ ।

**संगिनी** : इस खेल को अपने कब खेलना शुरू किया और आपको किससे प्रेरणा मिली ।

**दमयंती** : यह खेल पहली बार मैंने अपने स्कूल में खेला था । इसके बाद जिला स्तरीय प्रतियोगिता के लिए चुने जाने के के बाद में भुबनेश्वर के छात्रावास में रहने के लिए आ गयी। वहाँ के अध्यापक और अध्यापिकाओं से प्रेरणा लेकर मैं राष्ट्रीय स्तर पर खेलने के लिए तैयार हो रही थी ।

**संगिनी** : क्या इस खेल को खेलने और इस मुकाम तक पहुँचने में आपको कोई रुकावट आई ?

**दमयंती** : जी हाँ, निश्चित रूप से मुझे पहले-पहले बहुत सी रुकावटों का सामना करना पड़ा था । इस समाज में लड़कियों को किसी भी क्षेत्र में बढ़ावा नही मिलता और ऐसा ही मेरे साथ हुआ। परंतु अपने माता-पिता के आशीर्वाद और उत्साह वर्धन से मैं इस खेल को खेल पाई ।

**संगिनी** : आपको इस खेल में आगे बढ़ने के लिए आपके माता-पिता और सगे- संबंधियों का क्या हाथ है ?

**दमयंती** : माता-पिता तो भगवान का रूप होते हैं । उनका आशीर्वाद हमेशा मेरे साथ था। मेरे सगे-संबंधियों ने भी हमेशा मुझे प्रोत्साहित किया। इन सबके आशीर्वाद का फल है कि आज मैं इस जगह पर हूँ।

**संगिनी** : हम आपकी सफलताओं के बारे में जानते हैं फिर भी आप अपनी कुछ महत्वपूर्ण सफलताओं के बारे में हमें बताइये ।

**दमयंती** : राजस्तरीय पदक मेरी पहली सफलता थी। इसके अलावा राष्ट्रीय क्षेत्र में 2012 में कांस्य पदक, 2013 में रजत पदक, 2014 में कांस्य पदक, 2015 में रजत पदक और 2016 में पहली बार स्वर्ण पदक हासिल करके अपने देश के लिए बहुत गर्वित अनुभव कर रही हूँ ।

**संगिनी** : अब एक खिलाड़ी के तौर पर आप कैसा अनुभव करती हैं ?

**दमयंती** : हमारे समाज में लड़कियों की हमेशा उपेक्षा की जाती है। किन्तु एक लड़की होकर भी मैंने अपने देश के लिए पदक हासिल किए इस बात का मुझे गर्व है। मुझे इस बात का भी गर्व है कि मैं नालको जैसी कंपनी में काम कर रही हूँ ।




**संगिनी** : आपके प्रशिक्षक कौन हैं ? उनके बारे में कुछ बताइये ।

**दमयंती** : श्री नीलमाधव देव खेल में मेरे प्रधान प्रशिक्षक थे। वे सभी राष्ट्रीया खेलों का प्रक्षिक्षण देते हैं। वे भुबनेश्वर स्थित छात्रावास के सभी छात्र-छात्राओं को प्रशिक्षण देते थे । उनकी ही प्रेरणा से हम सबने आज सफलता हासिल की है ।

**संगिनी** : खेल से फुरसत

मिलने पर आप अपना समय कैसे बिताती हैं ?

**दमयंती** : खेल से फुरसत मिलने पर मैं अपने शरीर की देखभाल करती हूँ । पेड़ लगाना और गीत सुनना भी मुझे पसंद है।

**संगिनी** : स्वस्थ और सबल रहने के लिए आप क्या करती हैं ?

**दमयंती** : स्वस्थ रहने के लिए सबसे पहले मैं अपना हर दिन का अभ्यास करती हूँ। मैं अपने भोजन और आराम का भी ध्यान रखती हूँ।

**संगिनी** : आपके आदर्श कौन हैं जिनसे आपको प्रेरणा मिली ?

**दमयंती** : श्रीमान नीलमाधव देव मेरे आदर्श हैं, जिनसे मैंने प्रेरणा ली थी।

**संगिनी** : क्या जैवलिन के अलावा भी आपको किसी अन्य खेल में रुचि है ?

**दमयंती** : जी हाँ । जैवलिन के अलावा डिसकस थ्रो में भी मेरी रुचि है।

**संगिनी** : यदि आप खिलाड़ी नहीं होती तो क्या करतीं .. ?

**दमयंती** : यदि मैं खिलाड़ी नहीं होती तो सीमा सुरक्षा बल में होती ।

**संगिनी** : इस खेल को अपना भविष्य मानने वाले बच्चों और युवाओं के लिए आपका क्या परामर्श है ?

**दमयंती** : घोर परिश्रम और लक्ष्य पर नज़र ही मेरी सफलता के मूल मंत्र हैं। मैं बच्चों और युवाओं को यही संदेश देना चाहती हूँ कि आत्मविश्वास और लगन से काम करने से लक्ष्य ज़रूर प्राप्त होता है।

**संगिनी** : संगिनी की तरफ से आपके भविष्य के लिए ढेरों शुभ कामनाएँ !!

धन्यवाद !

---

संगिनी KHANA KHAZANA

# साबूदाना के दही-बड़े



सामग्री- ½ कप साबूदाना, 2-3 उबले हुए आलू, ½ कप चिकना गाढ़ा दही, 8-10 किशमिश, 4-5 काजू कटे हुए, 1 छोटी चम्मच कटी हुई अदरक और हरी मिर्च, 1 चम्मच कटी हुई धनिया पत्ती, 1 छोटी चम्मच भुना हुआ ज़ीरा पाउडर, इमली की मीठी चटनी, लाल मिर्च पाउडर , शुद्ध घी डालने के लिए एवं नमक आवश्यकता अनुसार ।

विधि- सबसे पहले साबूदाना को ½ घंटे पानी में भिगोकर रख लें । साबूदाना भींग जाने पर एक चलनी में डालकर पानी निकालकर पानी निकाल लें और उन्हें पंखे के नीचे 2-3 मिनट के लिए सुखालें । अब उबले हुए आलुओं को अच्छी तरह मसल कर साबूदाने में मिला लें । इस मिश्रण में कटी हुई अदरक, हरी मिर्च , काजू, किशमिश, कटी हुई धनिया पत्ती और आवश्यकता अनुसार नमक व लाल मिर्च मिला लें । अब दोनों हाथों में घी लगाकर इस मिश्रण से दही-बड़े के आकार की टिक्की बनाकर फ्राइंग पैन में घी डालकर सुनहरे और कुरकुरे होने तक सेंक या तल लें । अब टिश्यू पेपर से अनावश्यक घी पोंछ कर दही में डुबोकर निकाल लें और एक प्लेट में सजाकर रख लें । इन टिक्कियों के ऊपर इमली की मीठी चटनी डालकर ज़ीरा पाउडर, नामक और लाल मिर्च छिड़क लें । कटी हुई धनिया पत्ती से सजाकर परोसें ।

**संगीता अग्रवाला**

अनगुल

# आलू का हलवा



सामग्री- ½ किलो उबले आलू, 1 कप चीनी, 2 बड़े चम्मच घी, 4-5 इलाइची का पाउडर, 2 बड़े चम्मच कटे हुए ड्राई फ्रूट , चांदी का वर्क (Silver foil ) सजाने के लिए ।

विधि- कढ़ाई में घी गरम करें । उबले हुए आलू अच्छी तरह को मसल (Mash) कर गरम घी में डालकर धीमी आँच पर सुनहरा होने तक भूनें । यदि आलू चारों तरफ से कढ़ाई न छोड़े तो आवश्यकता अनुसार और घी डालें ।

इसके बाद इलाइची पाउडर और घी डालें और तब तक चलाती रहें जबतक चीनी अच्छी तरह से ममलकर हलवे का रंग न बदल दे । अब कटे हुए मेवे (Dry fruits) डालकर मिलाएँ । इसे एक प्लेट में डालकर समतल (Plain) कर चौकोर टुकड़ों में काट लें । सुंदरता के लिए ऊपर से चांदी का वर्क लगा दें । आपका हलवा तैयार है। प्रेम से परोसें और खाएँ ।

**संगीता अग्रवाला**

अनगुल

संगिनी
TOUCHING LIVES

Nalco Mahila Samiti, Bhubaneswar has been rendering social services in and around Bhubaneswar. Similarly, Nalco Ladies Clubs at Damanjodi and Angul are also actively contributing their services in and around the plants and townships. It has been the endeavor of these bodies to reach out to the people of all age groups of all sections of our society. Here is a glimpse of activities and achievements of NMS.

## At Bhubaneswar



Lighting of lamp by CMD Dr. T.K. Chand at Saawan Meet



Release of 11th Edition of Sanginee




Skit "Sarapanch by Chance" by Ladies Club Damanjodi




Skit "Kaun Kitna Pani Mein" by NMS Bhubaneswar



Chorus *"Ek Din Bik Jaayega Mati Ke Mol"* by Ladies Club, Angul



"We are the world" cheers Nalco Mahila Samiti, BBSR



"A good teacher is a determined person: - Gilbert Highet Teacher's Day Celebration




Vastra Danam at Ramakrishna Leprosy Colony



Nalco's Swachhata Abhiyan with the students of Railway School & Kendriya Vidyalaya



"Joy of Giving" in Bhima Bhoi School for Blind



Navaratri celebration with Devotion and Dandiya




Welcoming the guests on Deepanwita



Dancing Divas on Deepanwita




Kawali "Anokha Pyar" on Deepanwita




The Game of Balancing by Spouses on Deepanwita

## At Damanjodi



A student of Malu Saunta High School of Mathalput lost his legs due to Electric Shock.
All medical expenses for the medical treatment were borne by Nalco Ladies Club, Damanjodi.



Nalco Ladies Club, Damanjodi donated Groceries to Gurukul Ashram , Kunduli



Nalco Ladies Club, Damanjodi at SAWAN MEET, Bhubaneswar



Durga Puja Celebration by Nalco Ladies Club, Damanjodi



Janmastami Celebration by Nalco Ladies Club, Damanjodi

# At Angul



Sawan celebration with NMS Bhubaneswar



Janmastami Celebration at Angul



Financial assistance to girl students of SVM on Independence Day



Celebration of Teachers Day



Navaratri Celebration



Social work at Purunakot Sevashram tribal school

Readers are requested to send their suggestions and feedback to **nmssangini@gmail.com**.
Write ups in clear handwriting or soft copy should reach the Coordinator before 10th December 2019. **- Editor**


नालको NALCO
एक नवरत्न केंद्रीय लोक उद्यम
भारतीय सार
वैश्विक प्रसार
पवन ऊर्जा
एल्युमिना
परिशोधक
एल्युमिनियम
प्रद्रावक
सौर विद्युत
बॉक्साइट
खान
ग्रहीत
विद्युत संयंत्र
पत्तन
सुविधाएँ
एशिया में वृहत्तम एकीकृत एल्युमिना और एल्युमिनियम संकुलों में से एक, नालको के प्रचालन बॉक्साइट खनन, एल्युमिना परिशोधन, एल्युमिनियम प्रद्रावण, विद्युत सृजन से लेकर अनुप्रवाह उत्पादों तक की समग्र मूल्य शृंखला को पार कर के आगे बढ़ रहे हैं ।
▲ विश्व में एल्युमिना का निम्नतम लागत का उत्पादक
▲ विश्व में बॉक्साइट का निम्नतम लागत का उत्पादक
▲ तीसरा उच्चतम शुद्ध विदेशी मुद्रा अर्जन करनेवाला केंद्रीय लोक उद्यम
नालको वेबसाईट
नालको ट्विटर
@NALCO_India
@CMDNalco
fb.com/nalcoindia
www.nalcoindia.com